ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.85 Bhubaneswar Thursday, May 13, 2021 | ୨୪ତମ ବର୍ଷ | ସଂଖ୍ୟା–୮୫ ଭୁବନେଶ୍ୱର, ଗୁରୁବାର, ମେ ୧୩, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹.50 | (Air Surcharge - 0.50P) | Member-INS

# ବିନ୍ଦୁ ସାହିତ୍ୟ ସମାଜ ପ୍ରତିଷ୍ଠାତା ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ୭୯ତମ ଜନ୍ମଦିବସ ପାଳିତ

ଭୁବନେଶ୍ୱର, ୧୩।୫(ପି.ଏନ): ଅପରାହ୍ନ ୪.୩୦ରେ ଓଡ଼ିଶାର ପ୍ରଖ୍ୟାତ ଶିକ୍ଷାବିତ ତଥା ସୁଲେଖକ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ୭୯ତମ ଜନ୍ମ ଦିବସ ୱେବନାର ମାଧ୍ୟମରେ ବିନ୍ଦୁ ସାହିତ୍ୟ ସମାଜ ତରଫରୁ ପାଳନ କରାଯାଇଛି।

ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ସାଂସଦ ତଥା କବି ଡ଼ଃ ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ବହୁମୁଖୀ ପ୍ରତିଭାର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ, ଜନମ ଓ ମରଣ ଭିତରେ ଜୀବନ। ଏହି ଜୀବନକୁ ଗରୀୟାନ କରିଥିବା ବ୍ୟକ୍ତି ସଦା ମହାନ। ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଭଳି ଜଣେ ଛାତ୍ର ବତ୍ସଳ ଅଧ୍ୟାପକ, ସୁସଂଗଠକ, ସୁଲେଖକ ତଥା ବାଗ୍ମୀଙ୍କର ଜନ୍ମଦିବସ ପାଳନ କରି ତାଙ୍କ ସମ୍ପର୍କରେ ପ୍ରେରଣାଦାୟୀ ଲୁକ୍କାୟିତ ତଥ୍ୟ ଓଡ଼ିଶାର ଲୋକମାନଙ୍କ ପାଖରେ ପହ□ାଇଥିବାରୁ ବିନ୍ଦୁ ସାହିତ୍ୟ ସମାଜର କର୍ମକ□ାଙ୍କ ଉଚ୍ଚ ପ୍ରଶଂସା କରିଥିଲେ।

ଶ୍ରୀ ବାଉରୀବନ୍ଧୁ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ ହିନ୍ଦୀ ସାହିତ୍ୟର ସୁଲେଖକ, ସାପ୍ତାହିକ 'ଜନଭାବନା'ର ସମ୍ପାଦକ ଡଃ ବିବେକ ଗୌତମ ଯୋଗଦେଇ ପ୍ରଫେସର ମିଶ୍ରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ତାଙ୍କ ହାତଗଢା ବିନ୍ଦୁ ସାହିତ୍ୟ ସମାଜ ଓଡ଼ିଆ ସାହିତ୍ୟର ମହାସିନ୍ଧୁ ହେବବୋଲି ଆଶାବ୍ୟକ୍ତ କରିଥିଲେ। ପରିଣତ ବୟସରେ ସଦା ଚଳଚଂଚଳ ରହୁଥିବା ପ୍ରଫେସର ମିଶ୍ରଙ୍କ ଦୀର୍ଘଜୀବନ କାମନା କରିବା ସହିତ ସେ ବତୀଘର ସଦୃଶ ନୂତନ ଯୁବପିଢ଼ିଙ୍କୁ ଆଲୋକ ଦେଖାଉଥାନ୍ତୁ ବୋଲି କାମନା କରିଥିଲେ। ସମ୍ମାନୀତ ଅତିଥିଭାବେ ଦୈନିକ ପର୍ଯ୍ୟବେକ୍ଷକ ଓ 'ଦ କଳିଙ୍ଗ କ୍ରୋନିକ୍ଲି'ର ସଂପାଦକ ଡଃ ପବିତ୍ର ମୋହନ ସାମନ୍ତରାୟ ପ୍ରଫେସର ମିଶ୍ରଙ୍କ ଅଧ୍ୟାପନା ଦିଗ, ଅଧ୍ୟବସାୟ ଓ ସାଙ୍ଗଠନିକ ଦକ୍ଷତାର ଭୂରିଭୂରି ପ୍ରଶଂସା କରିଥିଲେ।

ସମ୍ବର୍ଦ୍ଧନାର ଉ□ରଦେଇ ପ୍ରଫେସର ମିଶ୍ର ବିନ୍ଦୁ ସାହିତ୍ୟ ସମାଜ ତରଫରୁ ଏଭଳି କାର୍ଯ୍ୟକ୍ରମ କରାଯାଇଥିବାରୁ ଖୁସି ପ୍ରକଟ କରିଥିଲେ ଓ ସମସ୍ତ ଅତିଥି ମାନଙ୍କ ଉପସ୍ଥିତ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଜନ୍ମଦିନ ପାଳନ ଓ ଅତିଥି ମାନଙ୍କର ପ୍ରେରଣାଦାୟୀ ମତାମତ ଆଗକୁ ବଢ଼ିବାର ଉତ୍ସାହ ଯୋଗାଇବ ବୋଲି ସେ କହିଥିଲେ। ଯାହା କରିଛନ୍ତି ଓ କରୁଛନ୍ତି ତାହା ନିଜ ପିତାଙ୍କ ଆଦର୍ଶରେ ପ୍ରଭାବିତ। ସେ କହିଥିଲେ, ଯେ ଯେଉଁଠିକୁ ଯାଇଛନ୍ତି, ସେଠିକାର ଇତିହାସ ଓ ସଂସ୍କୃତିକୁ ନିରେଖି ପଢ଼ିଛନ୍ତି। ସେଥିପାଇଁ ହଜିଯାଉଥିବା ମହାପୁରୁଷଙ୍କ ଚରିତ ଉପନ୍ୟାସ ଲେଖି ସେମାନଙ୍କୁ ଜନମାନସରେ ପୁନଃ ଉଜ୍ଜିବିତ କରିଛନ୍ତି। ଚରିତ ଉପନ୍ୟାସ ଲେଖିବା ଯେତିକି କଷ୍ଟସାଧ୍ୟ, ତତ୍ ସମ୍ବନ୍ଧୀୟ ଗବେଷଣା ସେତିକି ସମୟ ସାପେକ୍ଷ। "ଗଳ୍ପ ଛଳରେ ଇତିହାସର କଙ୍କାଳ ଉପରେ କଳ୍ପନାର ପୁଟଦେଇ ଯାହା ଲେଖାଯାଏ, ତାହା ଜୀବନ୍ତ ଲାଗେ।" ଏଣୁ ତାଙ୍କ ଦ୍ୱାରା ରଚିତ ୬ଟି ଚରିତ ଉପନ୍ୟାସ ପାଠକୀୟ ଆଦୃତି ଲାଭ କରିଛି। ଜନ୍ମଦିନରେ ସ୍ୱତନ୍ତ୍ର ବିଶେଷାଙ୍କ କରିଥିବାରୁ ଦୈନିକ ପର୍ଯ୍ୟବେକ୍ଷକର ସଂପାଦକଙ୍କର ଉଚ୍ଚ ପ୍ରଶଂସା କରିଥିଲେ।

ବନ୍ଦନା ମିଶ୍ରଙ୍କ ଆବାହନୀ ବେଦପାଠ ସହିତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କାର୍ଯ୍ୟକାରି ସଭାପତି ଡଃ ଶଶିଭୂଷଣ ମହାପାତ୍ର, ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିରିକ୍ତ ସାଧାରଣ ସଂପାଦିକା ସୁଜାତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ସୁଲେଖିକା ତଥା କବୀ ପାରମିତା ଷଡଙ୍ଗୀଙ୍କ ନିଖୁଣ ସଂଯୋଜନାରେ ପରିଚାଳିତ ଏହି ଆସରରେ ମୁଖ୍ୟ ଅତିଥି ଡଃ ପାଟ୍ଟଶାଣୀ, ମୁଖ୍ୟବକ୍ତା ଡଃ ବିବେକ ଗୌତମ ଓ ପ୍ରଫେସର ନିତ୍ୟାନନ୍ଦ ମିଶ୍ର ସ୍ୱରଚିତ କବିତା ମାଧ୍ୟମରେ ସମସ୍ତଙ୍କୁ ବିଭୋର କରିଥିଲେ। କବୀ ସୁଜାତା ମହାପାତ୍ରଙ୍କ "ହେ ଈଶ୍ୱର", ପରିବେଶକୁ ଭାବ ଗମ୍ଭୀର କରିଦେଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ବାଉରିବନ୍ଧୁ ଲେଙ୍କା, ଶଶିଭୂଷଣ ମହାପାତ୍ର, ପାରମିତା ଷଡଙ୍ଗୀ, ସମୀର କୁମାର ଜେନା, ସ୍ୱପ୍ନା ବେହେରା, ସୁନନ୍ଦା ବି. ମହାପାତ୍ର, ବିଜନ ରାୟ, ରୀତା ପଟ୍ଟନାୟକ, ସସ୍ମିତା ମହାନ୍ତି, ନଳିନୀ ବେହେରା, ଗୀତାଞ୍ଜଳି ପଟ୍ଟନାୟକ, ଅମ୍ବିକା ସ୍ୱାଇଁ, ଧନେଶ୍ୱର ସାହୁ, ବନ୍ଦନା ମିଶ୍ର, ରାମକୃଷ୍ଣ ମିଶ୍ର, ସିଦ୍ଧି ପ୍ରସାଦ ସାହୁ, ସସ୍ମିତା ଚୌଧୁରୀ, ପ୍ରତାପ ଚନ୍ଦ୍ର ବେହେରା, ରଶ୍ମିମୟୀ ପତି, ରାମଚନ୍ଦ୍ର ଭୁତିଆ, ରଜୀତ ଦାସ, ସୁଜାତା ରାଉତରାୟ, ଶଭବ୍ରତ ମହାପାତ୍ର, ସୁଜାତା ମିଶ୍ର, ଚକ୍ରଧର ରଥ, ସତ୍ୟଦାଶ, ସୌମ୍ୟରଞ୍ଜନ ଦାଶ, ଉର୍ମିଳା ଦାସ, ପୁଷ୍ପିତା ଦାଶ, ସୁକାନ୍ତି ମିଶ୍ର, ମିରିନା ମହାନ୍ତି, କବିତା ଶତପଥୀ, ସସ୍ମିତା ନାୟକ ଓ ଅରୁଣ କୁମାର ବିଶ୍ୱାଳ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଏହି ଉତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତରରୁ ଶତାଧିକ କବି ଓ କବୟିତ୍ରୀ ଯୋଗ ଦେଇଥିଲେ।




# ଓମାନ ଓଡ଼ିଆଙ୍କ ଦ୍ୱାରା ଅନ୍‌ଲାଇନ୍ ଉତ୍କଳ ଦିବସ ପାଳନ

ମସ୍କାଟ / ସୋହର / ନୂଆଦିଲ୍ଲୀ / ଭୁବନେଶ୍ୱର, ୧୩।୫(ପି.ଏନ): ଓମାନରେ ଅବସ୍ଥାପିତ ଓଡ଼ିଆ ସମ୍ପ୍ରଦାୟଙ୍କ ଦ୍ୱାରା ଅନ୍‌ଲାଇନ୍ ଯୋଗେ ୮୫ତମ ଉତ୍କଳ ଦିବସ ମହା



ସମାରୋହରେ ପାଳନ କରାଯାଇଥିବା ଜଣାଯାଇଛି। ରାଜଧାନୀ ମସ୍କାଟସ୍ଥିତ ଇଣ୍ଡିଆନ ସୋସିଆଲ୍ କ୍ଲବ୍ (ଆଇ.ଏସ୍.ସି) ର ଓଡ଼ିଆ ଶାଖା ଦ୍ୱାରା ଆୟୋଜିତ ଏହି ଭବ୍ୟ ଇଣ୍ଟରନେଟ୍ ଉତ୍ସବରେ ବିଭିନ୍ନ ରାଷ୍ଟ୍ରର ଓଡ଼ିଆ ସମାଜମାନଙ୍କର କର୍ମକର୍ତ୍ତା, ପ୍ରବାସୀଓଡ଼ିଆ ତୁଙ୍ଗ ନେତୃବୃନ୍ଦ ଏବଂ ସମଗ୍ର ପୃଥିବୀର ବହୁ ବିଶିଷ୍ଟ ଓଡ଼ିଶା ପ୍ରେମୀ ଯୋଗଦେଇଥିବା ଦେଖାଯାଇଥିଲା। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମହୋତ୍ସବକୁ ସମ୍ବୋଧନ କରି ମୁଖ୍ୟ ଅତିଥି ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ଡଃ ଚନ୍ଦ୍ରଭାନୁ ଶତପଥୀ, କରୋନା ବିରୁଦ୍ଧରେ ବିଶ୍ୱଭରି ମାନବ ସମାଜ ସମ୍ମିଳିତ ଭାବେ ସଂଘର୍ଷ ଚଳାଇବାକୁ ଆହ୍ୱାନ ଜଣାଇଥିଲେ। ଭୂତାଣୁର ସଠିକ୍ ମୁକାବିଲା ପାଇଁ ଜନସାଧାରଣ ସେମାନଙ୍କର ସାଂସ୍କୃତିକ, ବିଜ୍ଞାନ, ଆଧ୍ୟାତ୍ମିକ ଓ ପ୍ରଶାସନିକ ଶକ୍ତିକୁ ଉଜାଗର କରିବାକୁ ଗୁରୁଜୀ ଆଗ୍ରହ ପ୍ରକାଶ କରିଥିଲେ। ବୈଠକରେ ଉଦ୍‌ବୋଧନ ଦେଇ ଓମାନ ଚେମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରୀର ଅଧ୍ୟକ୍ଷ ମହାମାନ୍ୟ ଇନିୟର ରେଧା ବିନ୍ ଜୁମ୍ମା ଆଲ୍‌ସାଲେହ ଓମାନ ଓ ଭାରତ ମଧ୍ୟରେ ଥିବା ପାରମ୍ପରିକ ଓ ଅର୍ଥନୈତିକ ସମ୍ପର୍କ ଦୀର୍ଘ ହଜାର ବର୍ଷର ପୁରୁଣା ବୋଲି ଦର୍ଶାଇଥିଲେ। ଓମାନ ଓ ଓଡ଼ିଶା ମଧ୍ୟରେ ବହୁ ସାମଞ୍ଜସ୍ୟ ରହିଥିବା ସୂଚାଇ ମହାମାନ୍ୟ ଆଲ୍‌ସାଲେହ, କୃଷି, ଯନ୍ତ୍ରପାତି, ଖଣି ଏବଂ କୁଶଳୀ ସେବା ପ୍ରଦାନ କ୍ଷେତ୍ରରେ ଉଭୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି କରାଯିବାର ଆବଶ୍ୟକତା ରହିଥିବା ଉପରେ ଜୋର୍ ଦେଇଥିଲେ। ସମ୍ମାନିତ ଅତିଥି ଓମାନଠାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ମହାମାନ୍ୟ ଶ୍ରୀ ମୁନୁ ମହାୱାର, ଓଡ଼ିଆ ଶାଖାର ସଦସ୍ୟମାନେ ବର୍ତ୍ତମାନର ଅଭାବନୀୟ ପରିସ୍ଥିତିରେ ଶା'ସିଷ୍ଟ, ଧୈର୍ଯ୍ୟବାନ ଓ ଆଶାବାଦୀ ରହି ସମାଜରେ ସାକାରାତ୍ମକ ବାତାବରଣ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶାର ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଶ୍ରୀ ନବୀନ ପଟ୍ଟନାୟକଙ୍କର ସକଳ ନେତୃତ୍ୱରେ ରାଜ୍ୟ ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ସମୃଦ୍ଧ ବନିବା ସାଙ୍ଗକୁ ଲଗାତରଭାବେ ୫ବର୍ଷ ଧରି କୃଷି ଉତ୍ପାଦନ ପାଇଁ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଆସୁଥିବା ଜଣାଇଥିଲେ। ଏବେକାର ସଙ୍କଟ କାଳରେ ଅନ୍ୟାନ୍ୟ ରାଜ୍ୟମାନଙ୍କୁ ଅକ୍ସିଜେନ୍ ପଠାଇବା ସହିତ କରୋନା ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇଦେବା ନେଇ ମୁଖ୍ୟମନ୍ତ୍ରୀଙ୍କର ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ବୋଲି ମନ୍ତ୍ରୀ କହିଥିଲେ। ଭାରତ ସରକାରଙ୍କର ଅର୍ଥ ବିଭାଗର ପୂର୍ବତନ ସ୍ୱତନ୍ତ୍ର ସଚିବ ପ୍ରସନ୍ନ କୁମାର ଦାଶ, ଓଡ଼ିଶା ଏକ ପ୍ରଦେଶ ନୁହେଁ ବରଂ ଭରପୂର ମାନବିକତାର ଏକ ଜୀବନଶୈଳୀ ବୋଲି କହିଥିଲେ। ଓମାନରେ ଅବସ୍ଥାପିତ ଓଡ଼ିଆମାନଙ୍କୁ ସାଧବପୁଅର ଆଖ୍ୟା ଦେଇ ବର୍ତ୍ତମାନର ଘଡ଼ିସନ୍ଧି ମୂହୁର୍ତ୍ତରେ ନିଜ ମାତୃପ୍ରଦେଶର ସହାୟତା ପାଇଁ ଆଗଭର ହୋଇ ଆସିବାକୁ ଶ୍ରୀ ଦାଶ ନିବେଦନ କରିଥିଲେ। ଇଣ୍ଡିଆନ୍ ସୋସିଆଲ କ୍ଲବର ଅଧ୍ୟକ୍ଷ ଡଃ ସତୀଶ ନାମ୍ବିଆର ଓଡ଼ିଆ ଶାଖାର କର୍ମକର୍ତ୍ତାମାନଙ୍କ ଦ୍ୱାରା ମହାମାରୀ ସମୟରେ ଚାଲିଥିବା ସମାଜସେବା ଅଭିଯାନର ଭୂରୀଭୂରୀ ପ୍ରଶଂସା କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ଓଡ଼ିଆ ଶାଖାର ଆବାହକ ମନୋଜ ମହାପାତ୍ର, ସମଗ୍ର ଦୁନିଆରେ ଓଡ଼ିଆମାନେ ସେମାନଙ୍କର ସରଳତା, ସଚ୍ଚୋଟତା, ବଦାନ୍ୟତା ଓ ବିଶ୍ୱାସସନୀୟତା ପାଇଁ ସୁନାମ ଓ ସ୍ୱୀକୃତି ଅର୍ଜନ କରୁଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଓମାନ ଓ ଓଡ଼ିଶା ମଧ୍ୟରେ ବ୍ୟାପାର, ବାଣିଜ୍ୟ ଏବଂ ନିଯୁକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ଆଜିର ଉତ୍କଳ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ମହାପାତ୍ର




କହିଥିଲେ। ଧନ୍ୟବାଦ ଅର୍ପଣ କରି ଓଡ଼ିଆ ଶାଖାର ସହ ଆବାହକ ଗୁପ୍ତ ପ୍ରସାଦ ଦାଶ, ତାଙ୍କ ସଂସ୍ଥାର ସମାଜସେବା ଓ ଦାତବ୍ୟ କାର୍ଯ୍ୟାବଳୀଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ମହାମାରୀ ଆରମ୍ଭ ହେବା ସମୟରେ ଓଡ଼ିଆ ଶାଖା, ଭାରତୀୟ ଦୂତାବାସର ସହଯୋଗରେ ଅଟକି ଥିବା ୧୨୦୦ ଲୋକଙ୍କୁ ୬ଟି ବିମାନ ଯୋଗେ ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରାଇପାରିଥିଲା ବୋଲି ସୂଚାଇଥିଲେ। ଓଡ଼ିଶାରେ ଏବେ ଦୁଇଟି ଅନାଥାଶ୍ରମ ଚଳାଉଥିବା ଓଡ଼ିଆ ଶାଖା ରାଜ୍ୟକୁ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର୍ସ ଏବଂ ରିଲିଫ ସାମଗ୍ରୀ ଆଦି ପଠାଇବାକୁ ଆରମ୍ଭ କରିଥିବା ଶ୍ରୀ ଦାଶ ଘୋଷଣା କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଦିପ୍ତୀ ମିଶ୍ର ପୁଜାରୀ ଏବଂ ଗିରିଜା ଶଙ୍କର ମହାଁ ସୂଚାରୁ ରୂପେ ଉପସ୍ଥାପନ କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ କରଣଜିତ ସିଂହ, ଡଃ ହର ପ୍ରସନ୍ନ ଦାସ, କୁକୁ ଦାସ, କିଶୋର ଦ୍ୱିବେଦୀ, ଅମୀୟ ମିଶ୍ର ଏବଂ ପ୍ରିତୀଶ ଦାଶ ପ୍ରମୁଖ ଅନ୍ୟତମ। କାର୍ଯ୍ୟକ୍ରମ ଶେଷରେ ଓମାନ ଓ ଓଡ଼ିଶାରୁ ଲାଇଭ୍‌ଷ୍ଟ୍ରିମିଂ ମାଧ୍ୟମରେ କଳାକାରମାନେ ସେମାନଙ୍କର ସୃଜନଶୀଳ ପ୍ରତିଭା ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ ସନ୍ଧ୍ୟାର ପ୍ରସ୍ତୁତିଗୁଡ଼ିକ ମଧ୍ୟରେ ଶଙ୍ଖନାଦ, ଓଡ଼ିଆ ଶାଖାର ସଦସ୍ୟମାନଙ୍କର ଓଡ଼ିଶା ଭିତିକ ସଂଗୀତ ଆଧାରରେ ଅଭିନୟ, କ୍ଷୁଦ୍ର ପାରିବାରିକ ନାଟିକା, ଲକ୍‌ଡାଉନ୍ ଉପରେ ନାଟକ, ପୁରୁଷ ନୃତ୍ୟ, ମହିଳାଙ୍କର ସମୂହ ନୃତ୍ୟ, କୃପାଳି ଦାସ ପଟ୍ଟନାୟକଙ୍କର ଗ୍ରୁପ୍ ଦ୍ୱାରା ଆହେ ନୀଳଶୈଳ ଗୀତ ଉପରେ ଓଡ଼ିଶୀ ନୃତ୍ୟ, ସୋହରର କଳାକାରମାନଙ୍କର ନୃତ୍ୟ ଓ ଗୀତ, ମୋନାଲିସା ଦାସଙ୍କ ନିର୍ଦ୍ଦେଶିତ ପିଲାଙ୍କ ନାଚ, ଓଡ଼ିଶା ପର୍ଯ୍ୟଟନ ଉପରେ ଭିଡିଓ, ବରଗଡ଼ର ଧେମ୍‌ସା ଆଦିବାସୀ ନୃତ୍ୟ, କଳିଙ୍ଗ ରାଇଜିଂ ଷ୍ଟାର୍ସ ଦ୍ୱାରା ଶିଶୁ ନୃତ୍ୟ, ରାହୁଲ ଇଙ୍ଗ୍‌ଲେଙ୍କ ଦ୍ୱାରା ବ୍ୟଙ୍ଗ ଉପାଖ୍ୟାନ, ସଂ'ୋଷ ରାଉତ, କ୍ରିତିକା ଗମ୍ଭୀର ଏବଂ ନୀରଜ ବକ୍ସିଙ୍କ ଦ୍ୱାରା ସୁମଧୁର ସଂଗୀତ ପରିବେଷଣ ଆଦି ଅ'ଭୁକ୍ତ ଥିଲା। ସମଗ୍ର ମହୋତ୍ସବକୁ ଆୟୋଜନ ଓ ପରିଚାଳନା କରିବାରେ ଓଡ଼ିଆ ଶାଖାର ବରିଷ୍ଠ ସଦସ୍ୟ ସୟ ଜେଠୀ, କିଶୋର ଦାଶ, ହିମାଂଶୁ ମହାପାତ୍ର, ପ୍ରଶା' ମହାପାତ୍ର, ରାଜ୍ ପାତ୍ର ଏବଂ ବିଶ୍ୱଜିତ ଦାଶ ପ୍ରମୁଖ ସକ୍ରୀୟ ଭୂମିକା ଗ୍ରହଣ କରିଥିଲେ।



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେଙ୍ଗିସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ମେ ୧୩

# ସବୁଜ ବିପ୍ଳବ ପାଇଁ ଉଦ୍ୟମ

ଗତ କିଛିବର୍ଷହେଲା ଓଡ଼ିଶା ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଚାହିଦା ପୂର୍ଣ୍ଣ କରିବା ସମ୍ଭବ ହେଉ ନଥିବାରୁ ଅସନ୍ତୋଷ ବଢୁଛି। ଆଳୁ, ପିଆଜ, ମାଛ, ଅଣ୍ଡା, ପରିବା ଫଳ ଇତ୍ୟାଦିର ମୂଲ୍ୟ ବୃଦ୍ଧି ଲାଗି ରହିଛି। ପୂର୍ବରୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ୍ ଏପରି ଘନ ଘନ ପରିବ□ନ ହେଉନଥିଲା। ଏହାର ଗୋଟିଏ କାରଣ ଏୟା ହୋଇପାରେ ଯେ ରାଜ୍ୟବାସୀଙ୍କ ଉପାର୍ଜନ ବଢ଼ିବା ସହିତ ଖାଉଟି ସାମଗ୍ରୀର ଚାହିଦା ବଢୁଛି। ଯେଉଁମାନେ ଲୁଣ, ଲଙ୍କା, ବ୍ୟବହାର କରି ପଖାଳ ଖାଇ ଚଳି ଯାଉଥିଲେ, ସେମାନଙ୍କ ହାତକୁ ଅଧିକ ଉପାର୍ଜନ ଆସୁଥିବାରୁ ସେମାନଙ୍କ ଖାଇବା ଶୈଳୀରେ ପରିବ□ନ ହୋଇଛି। ବିଶେଷକରି ଗରିବ, ସେମାନଙ୍କ ଉପରେ ଥିବା ନିମ୍ନମଧ୍ୟବି□ ଓ ମଧ୍ୟବି□ମାନଙ୍କ ଜୀବନ ଶୈଳୀର ଆଖିଦୃଶିଆ ପରିବ□ନ ହୋଇଛି। ଏପରିକି ମୟୁରଭଞ୍ଜ, କେନ୍ଦୁଝର, କୋରାପୁଟ, ରାୟଗଡ଼ା ପରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ବାସ କରୁଥିବା ଆଦିବାସୀମାନଙ୍କ ରୋଜଗାର ବଢ଼ିଛି। କୃଷି କ୍ଷେତ୍ରରେ ପୂର୍ବେ ୭୦ ବା ୮୦ ପ୍ରତିଶତ ଗ୍ରାମା□ଳ ଲୋକ ନିର୍ଭର କରୁଥିଲେ। ଗତ ପନ୍ଦର କୋଡ଼ିଏ ବର୍ଷ ଧରି ଶିଳ୍ପ ବିସ୍ତାର ସହିତ ଖଣି ଖାଦାନର ଉପଯୋଗ ବୃଦ୍ଧି ପାଇଛି। ଭି□ଭୂମିର ବିକାଶ ହେବା ଯୋଗୁଁ ଗ୍ରାମା□ଳ ପୂର୍ବ ପରି ଅଗମ୍ୟ ବା ଦୁର୍ଗମ ହୋଇ ରହିନାହିଁ। ସମସ୍ତ ଗ୍ରାମ ସହିତ ସଡ଼କ ଓ ବିଦ୍ୟୁତ୍ ସଂଯୋଗ ନଥିଲେ ମଧ୍ୟ ପ୍ରାୟ ଷାଠିଏ ପ୍ରତିଶତ ଗ୍ରାମ ସହିତ ସଡ଼କ ଓ ବିଦ୍ୟୁତ୍ ସଂଯୋଗ ହେଲାଣି। ଏହାଦ୍ୱାରା ଗମନାଗମନରେ ବିକାଶ ହୋଇଛି ଏବଂ ଗତିଶୀଳତା ବୃଦ୍ଧି ପାଇଛି। ଏକାଦଶ ଯୋଜନାରେ ମୁଣ୍ଡପିଛା ଉପାର୍ଜନ ପନ୍ଦର ହଜାର ପ୍ରାୟ ଥିଲାବେଳେ ଦ୍ୱାଦଶ ଯୋଜନାରେ ଏହା ପ୍ରାୟ ତେଇଶ ହଜାର ହୋଇଛି। ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ପ୍ରାୟ ୬୫% ଲୋକ ସାକ୍ଷର। ତ୍ରିପୁରା ଓ କେରଳ ପରି ରାଜ୍ୟରେ ସାକ୍ଷରତା ହାର ପ□ାନବେ ପ୍ରତିଶତର ପାଖାପାଖି ଥିବାବେଳେ ଓଡ଼ିଶାର ସାକ୍ଷରତା ପଛରେ ପଡ଼ିଛି। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଯେ ନିଯୁକ୍ତି ତାଲିକାରେ ପ୍ରାୟ ୧୨ଲକ୍ଷ ସାକ୍ଷର ଲୋକଙ୍କ ନାମ ଥିଲେ ମଧ୍ୟ ବର୍ଷକୁ ଲକ୍ଷେ ଲୋକ ନିଯୁକ୍ତି ପାଉନାହାନ୍ତି। ଏମାନଙ୍କୁ ଯଦି ଧନ୍ଦା କରିବା ପାଇଁ କୌଶଳ ଶିକ୍ଷା ଦିଆଯାଏ ତେବେ ଏମାନଙ୍କ ଉପାର୍ଜନ ଆହୁରି ବଢ଼ିବ। ଓଡ଼ିଶାର ଦ୍ୱାଦଶ ପ□ବାର୍ଷିକ ଯୋଜନା ବ୍ୟୟ ୬୦ ହଜାର ହେଲାଣି। ଦ୍ୱାଦଶ ଯୋଜନାରେ ଯଦି ଶିଳ୍ପ ଓ ଧନ୍ଦା ଶିକ୍ଷା ସହିତ କୃଷି ଓ ଏହାର ଆଧୁନୀକରଣ ଉପରେ ଗୁରୁତ୍ୱ ଦିଆଯାଏ ତେବେ ଶିଳ୍ପ ବିକାଶ ସହିତ କୃଷିର ବିକାଶ ଦ୍ରୁତତର ହେବ। କୃଷି ବିଭାଗ କାର୍ଯ୍ୟ କେବଳ ଫାଇଲ ଭିତରେ ସୀମାବଦ୍ଧ। ଚାହିଦାକୁ ଚାହିଁ ରାଜ୍ୟର ଉତ୍ପାଦନ ଓ ଯୋଗାଣ ବ୍ୟବସ୍ଥା ତାଳ ଦେଇପାରୁନଥିବାରୁ ଆଳୁ, ପିଆଜ, ମାଛ, ଅଣ୍ଡା, ଡାଲି, ଫଳ ଓ ପରିବା ପରି ସାଧାରଣ ଖାଦ୍ୟଦ୍ରବ୍ୟ ଦୁର୍ଲଭ ହେଉଛି। ସରକାରଙ୍କ ଯୋଜନା ଅନୁସାରେ ଆସନ୍ତା କିଛିବର୍ଷ ମଧ୍ୟରେ କେବଳ କୋରାପୁଟରୁ ୫ଲକ୍ଷ ଟନ୍ ଆଳୁ ଉତ୍ପାଦିତ ହେବ। ଏହା ଯଦି ସଫଳ ହୁଏ ତେବେ କୃଷି ବିଭାଗ ପ୍ରଶଂସାଭାଜନ ହେବ। ସେହିପରି ପିଆଜ ଉତ୍ପାଦନ ବୃଦ୍ଧି ପାଇଁ ଏବଂ ମାଛ, କୁକୁଡ଼ା ଚାଷ, ପରିବା ଚାଷ ପ୍ରତି ଗୁରୁତ୍ୱ ଦେଲେ ଦୁଇ/ଚାରିବର୍ଷ ମଧ୍ୟରେ ଓଡ଼ିଶା ଏସବୁ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବ। ମାଛ, ଅଣ୍ଡା, ପରିବା, ଫଳ ଇତ୍ୟାଦି ଆନ୍ଧ୍ରରୁ ନ ଆସିଲେ ଓଡ଼ିଶା ବଜାରରେ ଦୁଷ୍ପ୍ରାପ୍ୟଜନିତ ମୂଲ୍ୟବୃଦ୍ଧି ହୁଏ। ସେହିପରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ପ୍ରଭୃତିରୁ ଏବଂ ମହାରାଷ୍ଟ୍ରରୁ ଅନେକ ଫଳମୂଳ, ଖାଦ୍ୟସାମଗ୍ରୀ ଆମଦାନୀ କରାଯାଉଛି। ଯନ୍ତ୍ରପାତି ନଥିବାରୁ କୃଷିର ଆଧୁନିକୀକରଣ ହୋଇନାହିଁ। ଶିଳ୍ପ ବିକାଶ ଯୋଗୁଁ ଏବେ ଆଉ ୭୦% ଲୋକ କୃଷି ଉପରେ ନିର୍ଭର କରୁନାହାନ୍ତି। ଏଇ ସଂଖ୍ୟା ୬୦%କୁ କମି ଆସିଛି। ଏହା ସହିତ ଲୋକମାନଙ୍କ ରୋଜଗାର ବଢ଼ିଛି ଏବଂ କୃଷି କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହେଲେ ସାଧାରଣ ଲୋକଙ୍କ ଜୀବନ ଶୈଳୀରେ ଦୃଢ଼ ପରିବ□ନ ହେବ। କେବଳ ବୃହତ ଶିଳ୍ପ ସ୍ଥାପନ ଦ୍ୱାରା ବେକାରୀ ସମସ୍ୟାର ସମାଧାନ ହେବ ନାହିଁ। କ୍ଷୁଦ୍ର ଶିଳ୍ପ ଓ ବିଭିନ୍ନ ଧନ୍ଦାର ବିକାଶ କଲେ ଗେଞ୍ଜି, ଗାମୁଛା ଓ ଅନ୍ୟାନ୍ୟ କମ୍ ଦରର ଫ୍ରକ୍, ଚାଦର, ପରଦା, ପ୍ଲାଷ୍ଟିକ୍ ସାମଗ୍ରୀ, କୃଷି ସାମଗ୍ରୀ ଏବଂ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ପ୍ରଭୃତି ଓଡ଼ିଶାରେ ଉତ୍ପାଦିତ ହେଲେ ବେକାରୀ ସଂଖ୍ୟା ହ୍ରାସ ପାଇବ ଏବଂ ବାହାର ରାଜ୍ୟ ଆମ ବଜାରକୁ ଦଖଲ କରି ମାଲେମାଲ ହେବେ ନାହିଁ। କିନ୍ତୁ ଏଥିପାଇଁ ସୁଚିନ୍ତିତ ପରିକଳ୍ପନା ଲୋଡ଼ା। ଦାଦନ ଖଟୁଥିବା ଲକ୍ଷାଧିକ ଗରିବ ଓଡ଼ିଶାବାସୀଙ୍କୁ ବାହାର ରାଜ୍ୟକୁ ବ□ିବା ପାଇଁ ଯିବା ପାଇଁ ବାଧ୍ୟ ନକରି ସେମାନଙ୍କୁ ରାଜ୍ୟ ଭିତରେ କୌଶଳ ଶିକ୍ଷା ଦେଇ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଉପାଦନ କରିବା ପାଇଁ ସକ୍ଷମ କଲେ ଓଡ଼ିଶା ପା□ ବର୍ଷରେ ସ୍ୱାବଲମ୍ବୀ ରାଜ୍ୟରେ ପରିଣତ ହେବ। ବାହାର ରାଜ୍ୟରେ ଲକ୍ଷ ଲକ୍ଷ ଓଡ଼ିଶାବାସୀ ଶ୍ରମ କରି ସେ ସବୁ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରୁଥିବାବେଳେ ନିଜ ରାଜ୍ୟରେ ସେମାନଙ୍କୁ କାମଧନ୍ଦା ଯୋଗାଇ ଦେବାପାଇଁ କିଛି ଫଳପ୍ରଦ ଯୋଜନା ନକରିବା ଗଭୀର ଲଜ୍ଜା ଓ ପରିତାପର ବିଷୟ।

## ଆଜିର ଅନୁଚିନ୍ତା

**କାଳ ଯାହାକୁ କବଳିତ କରିପାରେ ନାହିଁ, ସେ ହିଁ ମହାକାଳ ।**

# ଉଦାର ଶିଷ୍ୟ

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ

କଳ୍ପବଟ ....

ରାମାନୁଜାଚାର୍ଯ୍ୟ ଜଣେ ପ୍ରସିଦ୍ଧ ବିଦ୍ୱାନ ଥିଲେ । ମାଡ୍ରାସନଗରୀ ନିକଟସ୍ଥ ପେରୁମ୍ବଦରମଠାରେ ତାଙ୍କର ଜନ୍ମ। ବାଲ୍ୟକାଳରେ ଶିକ୍ଷାଗ୍ରହଣ ନିମନ୍ତେ ସେ ଗୁରୁଗୃହରେ ଅବସ୍ଥାନ କରୁଥିଲେ । ଶିକ୍ଷା ସମାପ୍ତ ସମୟ ନିକଟ ହୋଇଆସିଲା । ଏକଦା ଗୁରୁ ତାଙ୍କ ପାଖକୁ ଡାକି କହିଲେ- ବତ୍ସ ! ମୁଁ ତୁମକୁ ଗୋଟିଏ ମନ୍ତ୍ର ଦୀକ୍ଷା ସ୍ୱରୂପ ଦେଉଛି, ଏହି ମନ୍ତ୍ରର ଶ୍ରୋତା ମଧ୍ୟ ସ୍ୱର୍ଗଲୋକ ପ୍ରାପ୍ତିରେ ସକ୍ଷମ ହୋଇପାରିବ । ତେବେ ଏହି ମନ୍ତ୍ରର ତୁମେ ସଦ୍‌ବ୍ୟବହାର କରିବାକୁ ପଡ଼ିବ । ରାମାନୁଜ ଗୁରୁଙ୍କଠାରୁ ସେହି ମନ୍ତ୍ର ଗ୍ରହଣ କରିଥିଲେ 'ଓଁ ନମୋନାରାୟଣାୟ' । ଆଶ୍ରମ ଛାଡ଼ିବା ପୂର୍ବରୁ ଗୁରୁ ପୁଣିଥରେ ଚେତାବନୀ ଦେଇ କହିଥିଲେ- ରାମାନୁଜ ! ଧ୍ୟାନରଖ, ଏଇ ମନ୍ତ୍ର ଯେପରି କୌଣସି ଅଯୋଗ୍ୟ, ଅପଦାର୍ଥ ଲୋକଙ୍କ କାନରେ ନ ପଡ଼େ । ରାମାନୁଜ ମନେମନେ ଭାବିଲେ- ସତରେ ଗୁରୁଙ୍କ କହିବା ମୁତାବକ ଏହି ମନ୍ତ୍ରର ଶକ୍ତି କେତେ ଅପାର ! ଯଦି ଏହି ମନ୍ତ୍ର ଶୁଣିବା ଦ୍ୱାରା ସ୍ୱର୍ଗପ୍ରାପ୍ତି ସମ୍ଭବ ବୋଲି ଗୁରୁ କହୁଛନ୍ତି, ତେବେ ମୁଁ ଅନ୍ୟମାନଙ୍କୁ ଏଇ ମନ୍ତ୍ର ଶିକ୍ଷା ନଦେଇ ନିଜ ଭିତରେ ସୀମିତ ରଖିବି କାହିଁକି ? ଏଭଳି କଲେ ଏହା ମୋର ସଂକୀର୍ଣ୍ଣ ମାନସିକତାର ପରିଚାୟକ ହେବ । ଏଭଳି ଶିକ୍ଷାରେ କି ଲାଭ ଯାହା ଅନ୍ୟର ହିତସାଧନ ନକରିବ ? ରାମାନୁଜଙ୍କ ଆବିଳତାଶୂନ୍ୟ ହୃଦୟରେ ଏକମାତ୍ର ଭାବନା ଥିଲା- ସକଳ ମନୁଷ୍ୟ ସମାଜର କଲ୍ୟାଣ, ଲକ୍ଷ୍ୟ ଥିଲା ସକଳବର୍ଗର ସାମଗ୍ରିକ କଲ୍ୟାଣ । ସଂକୀର୍ଣ୍ଣତାର ଢେର ଊର୍ଦ୍ଧ୍ୱରେ ଥିଲେ ସେ । ଏହି ଲକ୍ଷ୍ୟସାଧନ ନିମନ୍ତେ ସେ ଏତେ ବ୍ୟଗ୍ର ଥିଲେ ଯେ ବିଭିନ୍ନ ସ୍ଥାନ ବୁଲିବୁଲି ସେ ଏହି ମନ୍ତ୍ରର ମହତ୍ତ୍ୱ ପ୍ରଚାର କରିବାକୁ ଲାଗିଲେ । ନିମ୍ନଶ୍ରେଣୀର ଲୋକ ମଧ୍ୟ ସେହି ମନ୍ତ୍ର ଜପ କରିବାକୁ ଲାଗିଲେ । ଗୁରୁ ଯେତେବେଳେ ଜାଣିଲେ ଯେ ତାଙ୍କର ଚେତାବନୀ ସତ୍ତ୍ୱେ ଶିଷ୍ୟ ସକଳବର୍ଗର ଲୋକଙ୍କୁ ମନ୍ତ୍ର ଶିକ୍ଷା ଦେଉଛନ୍ତି, ସେତେବେଳେ ସେ ବିଚଳିତ ହୋଇପଡ଼ିଲେ । ଶିଷ୍ୟର ବିଶ୍ୱସନୀୟତା ଓ ଗୁରୁଭକ୍ତି ଉପରେ ସନ୍ଦେହ ଆସିଲା । ଏହି ଘଟଣାକୁ ନେଇ ଗୁରୁ ଅତି ମ୍ରିୟମାଣ ଥିବା ନେଇ ରାମାନୁଜ ଜାଣିବାକୁ ପାଇଲେ । ତାଙ୍କ ନିକଟକୁ ଆସି କ୍ଷମାପ୍ରାର୍ଥନା କରି ନମ୍ର ଭାବରେ କହିଲେ-ଗୁରୁଦେବ ! ଏହି ମନ୍ତ୍ରର ଜପ ବଳରେ ଯଦି ସମସ୍ତଙ୍କ ସ୍ୱର୍ଗପ୍ରାପ୍ତି (ମଙ୍ଗଳ) ସମ୍ଭବ ତେବେ ତାହା ହିଁ ହେଉ, କେବଳ ମୁଁ ଯାଇପାରିବି ନାହିଁ, କାରଣ ମୁଁ ଆପଣଙ୍କର ଆଦେଶ ଲଂଘନ କରିଥିବାରୁ ନରକକୁ ଯିବି । ଯଦି ମୁଁ ନରକକୁ ଯିବା ଦ୍ୱାରା ଅଧିକାଂଶ ଲୋକଙ୍କ ମଙ୍ଗଳ ସମ୍ଭବ, ତେବେ କ୍ଷତି କ'ଣ ? ଗୁରୁଦେବ ନିଜର ପ୍ରିୟ ଶିଷ୍ୟଠାରୁ ଏଭଳି ଉତ୍ତର ଶୁଣି ଅଭିଭୂତ ହୋଇ ତାଙ୍କୁ ଆଲିଙ୍ଗନ କରି କହିଲେ- 'ବତ୍ସ ! ତୁମେ ମୋର ଅଜ୍ଞାନ ଆବୃତ ଆଖି ଖୋଲି ଦେଇଛ । ତୁମଭଳି ଜଣେ ଉଦାର ଶିଷ୍ୟ ନରକକୁ ଯିବ କାହିଁକି ? ସକଳ ଲୋକଙ୍କ ମଙ୍ଗଳ କାମନା କରୁଥିବା ବ୍ୟକ୍ତି ତ ନିରନ୍ତର ସୁଖ, ଆନନ୍ଦ ପାଇଥାନ୍ତି । ତୁମେ ପ୍ରକୃତ ଅର୍ଥରେ ଜଣେ ସଚ୍ଚା ଆଚାର୍ଯ୍ୟ । ତୁମ ଉପରେ ସଦାସର୍ବଦା ଗୁରୁକୃପା ରହିଥିବ ।' ରାମାନୁଜାଚାର୍ଯ୍ୟ ଗୁରୁଙ୍କଠାରୁ ଏହା ଶୁଣି ତାଙ୍କର ପାଦତଳେ ଲୋଟିପଡ଼ିଲେ ।

**ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।**

E-mail: editorpbkc@gmail.com
9853400829 (M), Fax: 0674-2550504

# ମହିଳା ଭୋଟ ନିର୍ଣ୍ଣାୟକ, କିନ୍ତୁ ପ୍ରତିନିଧିତ୍ୱ ହାର ବହୁତ ତଳେ

ସୌଭାଗ୍ୟ ରଂଜନ ମହାନ୍ତି (ରାଜା)

ଏହା ସତ୍ୟ ଯେ, ନିକଟରେ ଶେଷ ହୋଇଥିବା ଚାରୋଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳ ବିଧାନସଭା ନିର୍ବାଚନରେ ମହିଳା ଭୋଟରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।



ମହିଳାଙ୍କ ଭୋଟ ହାର ରାଜନୈତିକ ଦଳମାନଙ୍କୁ ବିଜୟୀ ତଥା ଗାଦିସୀନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ସାବ୍ୟସ୍ତ ହୋଇଛି। କେବଳ ଏତିକି ନୁହେଁ ମହିଳାଙ୍କ ମତଦାନ ଭୋଟ ହାର ବୃଦ୍ଧି କରିବାରେ ସହାୟକ ହୋଇଛି। ଯାହାକି ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି ନିସନ୍ଦେହରେ କୁହାଯାଇପାରେ। କହିବା ବାହୁଲ୍ୟ ଯେ, ଅଶୀଦଶକରୁ ଦେଶରେ ସାଧାରଣ ନିର୍ବାଚନ ହେଉକି ବିଧାନସଭା ନିର୍ବାଚନ ହେଉ କିମ୍ବା ସ୍ୱୟାତ ଶାସନ ନିର୍ବାଚନ ହେଉ ମତ ଦାନ ହାର ୫୦ ପ୍ରତିଶତରୁ ୬୦ ପ୍ରତିଶତ ମଧ୍ୟରେ ସୀମିତ ରହିଥିଲା। ଯାହାକି ଅତ୍ୟନ୍ତ ଚିନ୍ତାର କାରଣ ଥିଲା। ମାତ୍ର ଗତ ଦୁଇ ଦଶନ୍ଧି ଧରି ଦେଶରେ ମତଦାନ ହାର ବୃଦ୍ଧି ପାଇବାରେ ଲାଗିଛି। ତେବେ ଏହା କେବଳ ମହିଳାଙ୍କ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି କହିଲେ ହୁଏତ ଅତ୍ୟୁକ୍ତି ହେବ ନାହିଁ। ନିର୍ବାଚନରେ ମହିଳାଙ୍କ ଭୋଟ ଏବେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବାରୁ ରାଜନୈତିକ ଦଳଗୁଡିକ ସେମାନ୍‌ଙ୍କ ନିର୍ବାଚନ ଇସ୍ତାହାରରେ ମହିଳା କଲ୍ୟାଣ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ସହ ବହୁ ଆକର୍ଷଣୀୟ ପ୍ରତିଶ୍ରୁତି ମଧ୍ୟ ଦେଇଥାନ୍ତି। ଯେଉଁଥିପାଇଁ କି କେବଳ ମହିଳାଙ୍କ ଭୋଟ ଯୋଗୁଁ ବହୁ ରାଜନୈତିକ ଦଳ ଗାଦିସୀନ ହୋଇପାରିଛନ୍ତି। ଏହାର ଉଦାହରଣ ଭାବେ ପଶ୍ଚିମବଙ୍ଗ ନିର୍ବାଚନକୁ ନିଆଯାଇପାରେ। ପଶ୍ଚିମବଙ୍ଗରେ କ୍ଷମତା ଦଖଲ ପାଇଁ କେନ୍ଦ୍ରରେ କ୍ଷମତାସୀନ ବିଜେପିର ବରିଷ୍ଠ ନେତୃବର୍ଗ, ଏପରିକି ଖୋଦ୍ ପ୍ରଧାନମନ୍ତ୍ରୀ ନିଜକୁ ବାଜି ଲଗାଇ ଦେଇଥିବା ବେଳେ ତୃଣମୂଳ କଂଗ୍ରେସ ସୁପ୍ରିମୋ ସୁଶ୍ରୀ ମମତା ବାନାର୍ଜୀ କେବଳ ମହିଳାଙ୍କ ଭୋଟ ଯୋଗୁଁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଗାଦିସୀନ ହୋଇଛନ୍ତି। ମହିଳା ଓ ଯୁବତୀମାନଙ୍କ ସଶକ୍ତୀକରଣ ଓ ଉନ୍ନତି ପାଇଁ ତାଙ୍କ ସରକାର ବହୁ କଲ୍ୟାଣମୂଳକ ଯୋଜନା, ସ୍କିମ କାର୍ଯ୍ୟକାରୀ କରିଛନ୍ତି। ସେହିପରି ତାମିଲନାଡୁରେ ଗାଦିସୀନ ଡିଏମକେ ମହିଳା କେନ୍ଦ୍ରୀକ ସର୍ବାଧିକ ସ୍କିମ ସମେତ ମହିଳା ସରକାରୀ କର୍ମଚାରୀଙ୍କୁ ୧ବର୍ଷ ପର୍ଯ୍ୟନ୍ତ ସବୈତନିକ ପ୍ରସବକାଳୀନ ଛୁଟି, ସରକାରୀ ବସରେ ମାଗଣା ଯାତ୍ରା ଆଦି ଯୋଜନା ନିର୍ବାଚନ ଇସ୍ତାହାର ମଣ୍ଡନ କରିଥିଲା। ଏ କ୍ଷେତ୍ରରେ କେରଳରେ କ୍ଷମତାସୀନ ବାମପନ୍ଥୀ ଗଣତାନ୍ତ୍ରୀକ ସାମ୍ମୁଖ୍ୟ (ଏଲଡିଏଫ) ମଧ୍ୟ ପଛରେ ନଥିଲା। ରାଜନୈତିକ ଦଳଗୁଡିକ ମହିଳାଙ୍କ ଭୋଟ ହାତେଇବା ପାଇଁ ମହିଳାଙ୍କ ବହୁ ଆକର୍ଷଣୀୟ, ଲୋଭନୀୟ ଯୋଜନା ଓ ଘୋଷଣା କରୁଥିଲେ ମଧ୍ୟ ପାର୍ଲିଆମେଂଟ ହେଉ କି ବିଧାନସଭା ହେଉ, ମହିଳାମାନ୍‌ଙ୍କ ପ୍ରତିନିଧିତ୍ୱ ବୃଦ୍ଧି ଉପରେ ଆଦୌ ଗୁରୁତ୍ୱ ଦେଉନଥିବା ମନେହୁଏ। ଦେଶରେ ସୁଶ୍ରୀ ବାନାର୍ଜୀ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ଭାବେ ଗୌରବ ବହନ କରିଥିବା ବେଳେ ଦଳର ୨୯୧ ଜଣ ପ୍ରାର୍ଥୀଙ୍କ ମଧ୍ୟରେ କେବଳ ୫୦ଜଣ ମହିଳା ପ୍ରାର୍ଥୀ ଥିଲେ। ୨୯୪ ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭାକୁ ୪୦ ଜଣ ମହିଳା ନିର୍ବାଚିତ ହୋଇଛନ୍ତି। ତାମିଲନାଡୁରେ ୨୦୧୬ ନିର୍ବାଚନରେ ୨୧ଜଣ ମହିଳା ବିଧାନସଭାରେ ପ୍ରତିନିଧିତ୍ୱ କରିଥିବା ବେଳେ ୨୩୪ ଜଣ ସଦସ୍ୟଙ୍କ ମଧ୍ୟରୁ ଏବେ ମହିଳା ସଦସ୍ୟ ହେଉଛନ୍ତି ମାତ୍ର ୧୨ଜଣ। ୨୦୧୬ ତୁଳନାରେ ୨୦୨୧ରେ ବିଧାନସଭାରେ ମହିଳାଙ୍କ ପ୍ରତିନିଧିତ୍ୱ ଅଧା ହ୍ରାସ ପାଇଛି। କେରଳ ବିଧାନସଭାରେ ୧୪୦ଜଣଙ୍କ ମଧ୍ୟରୁ ମହିଳା ବିଧାୟିକା ହେଉଛନ୍ତି ମାତ୍ର ୧୧ଜଣ। ଉଲ୍ଲେଖଯୋଗ୍ୟ ଯେ, କେରଳ ବିଧାନସଭା ଇତିହାସରେ ମହିଳା ପ୍ରତିନିଧିତ୍ୱ କେବେହେଲେ ୧୦ ପ୍ରତିଶତରୁ ଅଧିକ ହୋଇନାହିଁ। ସ୍ମରଣ କରାଯାଇପାରେ ଯେ, ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ଏକ -ତୃତୀୟାଂଶ ସ୍ଥାନ ସଂରକ୍ଷଣ ପାଇଁ ପ୍ରସ୍ତାବିତ ବିଲ ଗତ ୨୫ବର୍ଷ ଧରି ପଡିରହିଛି। ବିଲ୍‌କୁ ପାର୍ଲିଆମେଂଟ ଗୃହୀତ କରାଇବା ପାଇଁ କୌଣସି ଜାତୀୟ କିମ୍ବା ଆଂଚଳିକ ଦଳ ଗୁରୁତ୍ୱ ଦେଉଥିବା ମନେହୁଏ ନାହିଁ। ନିର୍ବାଚନ ଆସିଲେ ଇସ୍ତାହାରରେ ମହିଳା ସଂରକ୍ଷଣ ବିଲ ଗୃହୀତ କରାଇବା ପାଇଁ ପ୍ରମୁଖ ସ୍ଥାନ ଦେଇଥାନ୍ତି। ନିର୍ବାଚନ ସରିଗଲେ, ସବୁ କିଛି ଭୁଲି ଯାଇଥାନ୍ତି। ଗତ ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାରେ କ୍ଷମତାସସୀନ ବିଜେଡି ଏକ ତୃତୀୟାଂଶ ଆସନରେ ମହିଳା ପ୍ରାର୍ଥୀ ଦେଇଥିବାବେଳେ ମହିଳା ସଂରକ୍ଷଣ ବିଲକୁ ଗୃହୀତ କରାଇବା ପାଇଁ ସମସ୍ତ ରାଜନୈତିକ ଦଳର ସୁପ୍ରିମୋଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିବା ସହ ସମସ୍ତ ରାଜ୍ୟକୁ ବିଜେଡିର ପ୍ରତିନିଧିମଣ୍ଡଳୀକୁ ପଠାଇଥିଲେ। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସୁପ୍ରିମୋ ଲୋକସଭା ନିର୍ବାଚନରେ ୫୦ ପ୍ରତିଶତ ମହିଳାଙ୍କୁ ଟିକେଟ ଦେଇଥିଲେ। ମାତ୍ର ବିଧାନସଭା ନିର୍ବାଚନରେ ମୋଟ ଆସନର ୧୭ ପ୍ରତିଶତ ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିଥିଲେ। ଦୁଇ ଆଂଚଳିକ ଦଳ ବିଜେଡି ଓ ତୃଣମୂଳ କଂଗ୍ରେସ ଅଧିକ ସଂଖ୍ୟାକ ମହିଳାଙ୍କୁ ପ୍ରାର୍ଥୀ କରି ଉଦାହରଣ ସୃଷ୍ଟି କରିଛନ୍ତି ନିଶ୍ଚିତ। ମାତ୍ର ଅନ୍ୟ ଦଳଗୁଡିକ ମହିଳା ପ୍ରତିନିଧିତ୍ୱ ବୃଦ୍ଧି ପାଇଁ ବିମୁଖର କାରଣ କ'ଣ ବୁଝାପଡୁ ନାହିଁ। ଏହା ସତ୍ୟ ଯେ, ରାଜନୈତିକ ଦଳଗୁଡିକ ଟିକେଟ ବଂଟନ ବେଳେ ବିଜୟୀ ହେବା ପ୍ରାର୍ଥୀଙ୍କ ପ୍ରତି ସର୍ବଦା ଗୁରୁତ୍ୱ ଦେଇଥାନ୍ତି। ପୁରୁଷ ପ୍ରଧାନ ଭାରତରେ ମହିଳାଙ୍କ ଉତ୍‌ଥାନକୁ ବୋଧ ହୁଏ ରାଜନୈତିକ ଦଳଗୁଡିକ ଗ୍ରହଣ କରିପାରିନାହାନ୍ତି। ଯେଉଁଥିପାଇଁ ଅଢେଇ ଦଶନ୍ଧି ଧରି ମହିଳା ସଂରକ୍ଷଣ ବିଲ୍ ନାଲି ଫିତା ତଳେ ଚାପି ହୋଇରହିଛି। ଏବେ ମହିଳା ଭୋଟର ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ବେଳେ ସେମାନେ ଯେ କେବଳ ଲୋଭନୀୟ ମହିଳା ଯୋଜନାରେ ସବୁବେଳେ ସନ୍ତୁଷ୍ଟ ହେବେ, ଆଶା କରିବା ଭୁଲ ହେବ। ରାଜନୀତିରେ ଯଥାର୍ଥ ପ୍ରତିନିଧିତ୍ୱ ପାଇଁ ଦାବି କରିବା ସମୟ ଏବେ ଆସିଛି।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ମିଛମାୟା ସଂସାର

ଇଂ.ବିଦ୍ୟାଧର ପଣ୍ଡା

– ଆପଣ ! ଆପଣ କାହାକୁ ଅପେକ୍ଷା କରୁଛନ୍ତି କି ସାର୍ !

– ନାଇଁ ମା। ମୁଁ କାହାକୁ କାହିଁକି ଅପେକ୍ଷା କରିବି ? ବିଶିଆ ତ ସଫା କହିଲା ଯେ ସିଏ ଆସିପାରିବନି କି ଝିଅକୁ ବି ଛାଡିବନି। ସେହି ଝିଅଜୋଇଁଙ୍କୁ ଛାଡିଲେ ମୋର କିଏ ବା ଆଉ ଅଛି ଯେ ମୁଁ କାହାକୁ ଅପେକ୍ଷା କରିବି ! ସହଜେ କରୋନା କାଳ, ବନ୍ଧୁବାନ୍ଧବ ସୁଖର ସାଥୀ। ଦୁଃଖବେଳେ କିଏ କାହାକୁ ପଚାରୁଛି !

– ସାର୍ ! ମୁଁ ତୁମର ଛାତ୍ର, ତୁମ ଝିଅଠାରୁ କ'ଣ କମ୍ କି ? ପାଠ ଭଲ ପଢିଲିନି ବୋଲି ସିନା ଚାକିରି ହେଲାନି, ହେଲେ ତୁମେ ମୋତେ



ମଣିଷ କରିବା ପାଇଁ ଯାହା ସବୁ କରିଛ,ସେଗୁଡା ସବୁ ଏ ଜନ୍ମରେ କ'ଣ ଭୁଲି ପାରିବି ? ମୁଁ ଯେତେବେଳେ ଶୁଣିଲି ଆପଣଙ୍କୁ କରୋନା ହୋଇଛି ବୋଲି ମୋ ମନ ସମ୍ଭାଳିଲାନି। ସଙ୍ଗେସଙ୍ଗେ ସାଇକେଲ୍ ଚଢି ଚାଲିଆସିଲି।

– ତୁ ଗାମୁଛାଟିକୁ ମୁହଁରେ ଆଉଟିକେ ଭଲରେ କଷିକି ବାନ୍ଧିଦେ। କାଳେ କେତେବେଳେ ମୁଁ ଛିଙ୍କିଦେବି ! ମୁଁ ତ ଗଲେ ଯିବି, ତୋତେ ଛୁଅପିଲା ସଂସାରରେ ବହୁତ ହଇରାଣ ହେବାକୁ ପଡିବ। ଏ କରୋନା ରୋଗ ଭଗବାନ ସାତଶତ୍ରୁଙ୍କୁ ବି ନଦିଅନ୍ତୁ। ମଣିଷକୁ ମଲ୍ଲୁ କରିଦେଉଛି। ଛି.. ଛି..।

– ନାଇଁ ସାର୍ ! ମୋର କିଛି ହେବନି। ମୁଁ ଦୁଇଟା ଯାକ ଟିକା ଦୁଇମାସ ଆଗରୁ ନେଇ ସାରିଲିଣି। ମୋ'ରକ୍ତ ପରୀକ୍ଷାକରି ଡାକ୍ତର କହୁଥିଲେ ତୁମକୁ ଆଉ କରୋନା ହୋଇ ନପାରେ, ହେଲେ ବି ପରବାନାହିଁ। ତଥାପି ସାବଧାନ ରୁହ। କାରଣ ଏ କରୋନା କୁଆଡେ ଅନେକ ପ୍ରକାରର ଆସୁଛି।

– ହଉ ହଉ। ମୋର କୋଉଗୋଟେ ଧର୍ମବଳ ପାଇଁ ଭଗବାନ ମୋ'ଜୀବନ ବଂଚେଇବାକୁ ତୋତେ ମୋ'ପାଖକୁ ପଠେଇଛନ୍ତି। ମାମୁଁଘରେ ଗୋଟେ ଗାଈ, ରାତିପାହିଲେ ମୋତେ ନାହିଁ। ଚମ୍ପା ବାହାଘରକୁ କୁଣିଆ ଚିଠା କରିବାକୁ ଚାରିଦିନ ଲାଗିଥିଲା। ଏବେ ରୋଗରେ ପଡିଛି ଯେ ଚାରିଜଣଙ୍କର ବି ଦେଖାନାହିଁ। କରୋନା ମଣିଷ ପଣିଆକୁ ବି ନଷ୍ଟ କରିଦେଲାଣି। ଆଠଦିନ ହେଲାଣି ମୁଁ ଏଇଘରେ ଏକା ରହିଛି।ବଂଚିବାକୁ ଇଚ୍ଛା ନଥିଲେ ମଧ୍ୟ ଔଷଧ ଖାଉଛି, ଶୋଉଛି। ଡାକ୍ତର କହୁଥିଲେ ଚଉଦଦିନ ଔଷଧ ଖାଇବା ପରେ ଭଲମନ୍ଦ ଜଣା ପଡିବ। ମୋ ମୁଣ୍ଡ ବୁଲଉଛି, ପାଦରେ ଛିଡାହେବାକୁ ବଳ ନାହିଁ। କେହି ବୋଲେ କେହି ପାଖରେ ନାହିଁ, ଏଇଶେଷ ପାଂଚଛଅ ଦିନ କେମିତି ବଂଚିବି କହିଲୁ ?

– ମୁଁ ରହିବି। ଆପଣଙ୍କ ସେବା କରିବି। ମୁଁ ରୋଷେଇପତ୍ର କରି ଔଷଧ ଖୋଇଦେବି। ସାର୍ ! ଆପଣ ଚାହିଁଲେ ମୁଁ ରଙ୍ଗମାଆକୁ ବି ଏଠିକି ଘିନିଆଣିବି। ରଙ୍ଗ ବଡପିଲା ହେଲାଣି। ବିଏ ପାସ୍ କଲାଣି। କକାଖୁଡୀ ସାଙ୍ଗରେ ଘରେ ଏକା ରହିବାରେ କିଛି ଅସୁବିଧା ନାହିଁ। ଆପଣଙ୍କର ଏଠି ଏତେ ଘର, ଆମେ ଦିଜଣ ଦରକାର ପଡିଲେ ବାରଣ୍ଡାରେ ଶୋଇଯିବୁ ସାର୍।

– ବଗଲା ! ତୁ ସତ କହୁଛୁ ? ମୋ ଘରେ ରହିବ ! ରଙ୍ଗମା ଆଉ ତୁ ମୋ ସେବା କରିବ ? ହେ ଭଗବାନ୍ ! ତୁମେ ହିଁ ବଡଲୋକ। ତୁମକୁ ଅବିଶ୍ୱାସ କରି ହତାଶ ହୋଇ ଆମେ ଦୁଃଖପାଉଛୁ। ତୁମର ସହାୟତାକୁ ଅପେକ୍ଷା ନକରି ଧୈର୍ଯ୍ୟଚ୍ୟୁତ ହୋଇ ମରିଯାଉଛୁ। କ୍ଷମାଦେବ ପ୍ରଭୁ।

– ହଁ ସାର୍ ! ପ୍ରଭୁ ହିଁ ବଡଲୋକ। ମୁଁ ଏବେ ରୁଟି ଦିପଟ ଓ ଭଜା କରି ତୁମକୁ ଖାଇବାକୁ ଦେଇ ଘରକୁ ଚାଲିଯିବି। ଆପଣ ଶୋଇ ଉଠିବାବେଳକୁ ରଙ୍ଗମା ତୁମକୁ ବିନାଚିନିରେ ଚା ଆଣିକି ଦେବ। ଆପଣ ପୁରାଭଲ ହେବାଯାଏ ଆମେ ଏଇଠି ଆପଣଙ୍କ ପାଖରେ ଏଇଘରେ ରହିବୁ।

ଶ୍ୟାମବାବୁଙ୍କ ଦୁଇ ଆଖିରୁ ଅମାନିଆ ଲୁହ ଦିଧାରେ ଗଡିଆସି ଗାଲଦାଢୀଗୁଡାକୁ ଓଦା କରିଦେଲା। ରୁଦ୍ଧଗଳାରେ ଖନେଇଖନେଇ କହିଲେ, 'ବଗଲା ! ମୋ ଦେହରେ ଫୁ□ ଆସିଲାଣି। ଆଉ କରୋନା ମୋ'ର କ'ଣ କରିବ ? ସକାଳୁ ରଙ୍ଗମା ମୋତେ କାଢା ଦେବ। ଦିପହରେ ରୁଟି ସଂତୋଳା ଏବଂ ରାତିକୁ ରୁଟିଭଜା ପରେ ଔଷଧଖାଇଲେ ମୋତେ ଲାଗୁଛି ଦିନ ଚାରିଟାରେ ଭଲ ହୋଇଯିବି। ଏବକାର ଖାଇବା କଥା ଛାଡ୍। ପାଉଁରୁଟି ଅଛି, ମୁଁ ଚଳେଇ ନେବି। ତୁ ହଜାରେ ଟଙ୍କା ନେଇଯା, ରଙ୍ଗହାତରେ ଦେଇ ରଙ୍ଗମାଆକୁ ନେଇ ଶୀଘ୍ର ଚାଲିଆସିବୁ। ତୁମ ଦିଜଣଙ୍କୁ ଦେଖିଲେ ମୋର ଅଧାରୋଗ ଭଲହେଲା ବୋଲି ଜାଣ୍।' ବଗଲା ରଙ୍ଗମାଆକୁ ନେଇ ଚାଲିଆସିଲା। ଶ୍ୟାମବାବୁ ଦୁଇଜଣଙ୍କୁ ସଂଗରୋଧ କାଇଦାକାନୂନ ପାଠପଢେଇ ନିଜେ ସେବାଶୁଶ୍ରୂଷାରେ ଲଗେଇଲେ। ସତକୁସତ ଚାରିଦିନରେ ଶ୍ୟାମବାବୁ ଚେଙ୍ଗା ହୋଇ ନୂତନଜନ୍ମ ପାଇଲା ପରି ଅନୁଭବ କଲେ। ରକ୍ତପରୀକ୍ଷା କରି ଜାଣିଲେ ଆଉ କରୋନା ନାହିଁ। ବୁଢା ସେଦିନ ଭଲମନ୍ଦ ଖାଇବା ବରାଦ କରି ବଗଲା ଓ ରଙ୍ଗମାଆ ସହ ଏକାସାଙ୍ଗରେ ଦୂରେଇଦୂରେଇ ବସିଖାଇବାବେଳେ ନିଜ ଘରକଥା ଆମୂଳଚୁଳ ବଖାଣିବାକୁ ଲାଗିଲେ।

ବଗଲା ! ତୁ ସିନା କିଛିକିଛି ଜାଣିଛୁ, ହେଲେ ରଙ୍ଗମା କିଛି ଆମଘର ବିଷୟରେ ଜାଣିନି। ଆଜି ମୋ କଥା ତୁମେ ସବୁ ଶୁଣ। ଚମ୍ପା ମୋର ଏକମାତ୍ର ଝିଅ, ଶିକ୍ଷିତ ଏବଂ ସୁନ୍ଦର। ବିଶିଆ ବାପା ଆମଘରେ ମେହେଂର ସେବାକରେ। ସେତେବେଳେ ସମସ୍ତଙ୍କ ଘରେ ଦୈନିକ ମଳଉଠା ଶୌଚାଳୟ ଥିଲା, ତେଣୁ ସେମାନେ ସମସ୍ତଙ୍କ ଘରୁ ଗୋଟିଏ ଲୁହା କଡେଇରେ ମଳ ସଫାକରି ମୁଣ୍ଡରେ ବୋହିନେଇ ଦୂରରେ ଫିଙ୍ଗୁଥିଲେ। ବେଳେବେଳେ ବିଶିଆ ତା'ଙ୍କ ସହ ଆସେ। ପିଲାଟି ଦେଖିବାକୁ ବଳୁଆ, କୁଚୁକୁଚିଆ ଚୁଟିକୁ ଉଜ୍ଜ୍ୱଳ ଆଖିଦୁଇଟାକୁ ଦେଖିଲେ ଚଳାଖ ପରି ମନେହୁଏ। ଚମ୍ପାମା ବହୁତ ପୂଜାଧ୍ୱଜା ଓଷାବ୍ରତ କରି ତା'କୋଳରେ ପୁଅଟିଏ ହେଲାନି ବୋଲି ଛୁଆମାନଙ୍କୁ ଦେଖିଲେ ସେ ବେଶୀ ଆଦରକରେ। ବିଶିଆକୁ ମୁଢି, ପିଠା ସ୍ନେହଁରେ ଖାଇବାକୁ ଦିଏ। ସେତେବେଳେ ବିଶିଆକୁ ନଅବର୍ଷ ଏବଂ ଚମ୍ପାକୁ ଚାରିବର୍ଷ। ଚମ୍ପା ସ୍କୁଲ୍‌ରେ ନାଁ ଲେଖେଇଲା ପରେ ସବୁଦିନ ବିଶିଆ ତା'ସାଙ୍ଗରେ ସ୍କୁଲ୍‌ଯାଇ ତା'ଭାଗ ମଧ୍ୟାହ୍ନ ଭୋଜନ ଗହମଜାଉଖାଏ। ଏମିତି ଛୁଆବେଳୁ ଦୁହେଁ ବଡ ହେଉହେଉ ଚମ୍ପା ବିଶିଆକୁ ଭଲପାଇ ବସିଲା। ଚମ୍ପାମା ବିଶିଆକୁ ପୁଅପରି ଦେଖୁଥିଲା ବୋଲି ଦି'ଜଣଙ୍କୁ ମିଳାମିଶା କରିବାରେ ବାରଣ କରିପାରିଲାନି। ନେଡିଗୁଡ କହୁଣୀକୁ ବୋହିଗଲା ପରେ ମୁଁ ଜାଣିଲି ଯେ ସେତେବେଳକୁ ସବୁ ସରିଯାଇଥିଲା। ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେଲେ ସତ। କିଂନ୍ତୁ ବିଶିଆମନରେ ଅନେକ ଗୁଡିଏ ପ୍ରତିହିଂସାର ବିଜ ଅଙ୍କୁରିତ ହୋଇ ବଢୁଥିବା କଥା ଆମେ କେହି ଜାଣିପାରିଲୁନି। ସେ ଉପରେ ଉପରେ ହସେ କିଂନ୍ତୁ ଆମ ଉପରେ ପ୍ରତିଶୋଧର ସୁଯୋଗ ଖୋଜିବାରେ ବ୍ୟସ୍ତ ଥାଏ।

ସମସ୍ତ ଉଚ୍ଚଜାତିର ଲୋକଙ୍କୁ ବିଶିଆ ଅଂରରେ ଘୃଣା କରୁଥିଲା। ତେଣୁ ସେ ମୋ ଝିଅର ସ୍ୱାମୀହୋଇ ତା'କୁ କଷ୍ଟଦେବାକୁ ଚାହୁଁଥିଲା। ବିବାହର ବର୍ଷେପରେ ସେ ଶାରୀରିକ ଏବଂ ମାନସିକ, ସବୁ ପ୍ରକାରେ ଚମ୍ପାକୁ କଷ୍ଟଦେଇ କୁହେ,'ମୋର ବାପା ମା' ତୋର ବାପାମା'ର ମଳ ସଫା କରୁଥିଲେ। ଏବେ ମୁଁ ଚାହେଁ ତୁ ମୋ'ର ବାପାମା'ର ମଳ ସେମିତି ସଫାକରି ପଡିଆରେ ଫିଙ୍ଗିକରି ଆସିବୁ।ମୋତେ ବାରଣ୍ଡାରେ କେତେଥର ଖାଇବାକୁ ଦେଇଛି ତୋର ମା', ଏବେ ତୁ ଆମ ବାରଣ୍ଡାରେ ବସି ଖା'। ତୋର ମା ମରିଗଲା ନହେଲେ ତାକୁ ଏଠିକି ଡାକି ତୋ'ସାଙ୍ଗରେ ବସାନ୍ତି। ମୋ ନାଁ ବିଶ୍ୱନାଥ, ତୋ'ର ବାପା କାଇଁ ମୋତେ ବିଶିଆବିଶିଆ ଡାକୁଛି ବେ ? ମୁଁ ତାକୁ କାହିଁକି ଶାମିଆ ଶ.. ନଡାକିବି କହ ?' – 'ସିଏ ଚମ୍ପାସାଙ୍ଗରେ ସ୍କୁଲ୍ ଯାଇଯାଇ ପାଠ ଧରିଲା। ମାଷ୍ଟର କହିଲେ ପିଲାଟା ବୁଦ୍ଧିଆ, ଅଙ୍କ ଧରୁଛି। ମୁଁ ତା ପାଇଁ ଗାଁର ସମସ୍ତଲୋକଙ୍କୁ ନେହୁରା ହୋଇ ସ୍କୁଲ୍‌ରେ ଦାଖଲା କରେଇଲି। କଲେଜର ସବୁ ପଢାଖର୍ଚ୍ଚ ଦେଲି। ଚମ୍ପା ତା'ଖର୍ଚ୍ଚରୁ ବି ଅଧା ଦେଇଦିଏ। ଦୁହିଁଙ୍କ ପାଇଁ ପଇସା ନିଅଁଟ ହେବବୋଲି ଚମ୍ପାକୁ ଘରେରଖି ବିଶିଆକୁ ଧରମପୁଅ ଭାବରେ ଇଂଜିନିୟରିଂ ପଢେଇଲି। କିଂନ୍ତୁ ତା'ହୃଦୟରେ ଆମପ୍ରତି ଏତେ ଘୃଣାଭାବ ଖୁନ୍ଦିହୋଇ ଅଛି ବୋଲି ମୋତେ ଜାଣିପାରିଲିନି। ଗୋଖରକୁ ଖୀର ପେଇପେଇ ଶେଷରେ ନିଜ କଳିଜାଠାରୁ ପ୍ରିୟ ଏକମାତ୍ର ଝିଅଟିକୁ ମଧ୍ୟ ଜୀବନସାରା କାନ୍ଦିବାପାଇଁ ତା ବେକରେ ଛନ୍ଦିଦେଲୁ। ଚମ୍ପାମା ତ ଏଇ ଚିଂତାରେ ରୋଗଗ୍ରସ୍ତ ହୋଇ ଉପରକୁ ଚାଲିଗଲା, ହେଲେ ମୋତେ ସବୁ ଦେଖି ଏଠି ଭାରି ଖରାପ ଲାଗୁଛି। ମୋତେ କରୋନା ହେବା ଦିନଠାରୁ ଚମ୍ପା କାନ୍ଦୁଛି ଆସିବାପାଇଁ ଯେ ବିଶିଆ କହୁଛି, 'ବୁଢା ମଲେ ମେହେଂର ଲୋକ ମଶାଣିରେ ନେଇ ପୋଡିଦେବେ। ଆମେ ଯାଇ କନ କରିବା ? ଦଶଦିନ ପରେ ଗାଁରେ ଖାଇବାକୁ ଦେଇ ଜମିଡିହ ବିକିବାକି ଚାଲି ଆସିବା। ମୁଁ ଗରାଖ ଠିକ୍ କରି ରଖିଛି। ସତକୁ ସତ ଯଦି ତୁମେମାନେ ମୋ ପାଖକୁ ଦେବଦୂତ ପରି ଆସିନଥାନ୍ତ ମୁଁ କଣ ବଂଚିଥାନ୍ତି ?' ଏତିକିରେ ଶ୍ୟାମବାବୁ କୋହଉଠେଇ କାନ୍ଦିବାକୁ ଲାଗିଲେ। ବଗଲା ତୁନି ହେବାକୁ କହିଲା। ରଙ୍ଗମା ପଣତକାନିରେ ନିଜ ଆଖିଲୁହ ପୋଛି କହିଲା, 'ବାବୁ କାନ୍ଦନି। କାନ୍ଦିଲେ କ'ଣ ଆଉ ଫେରିବ ? ସବୁ ଭାଗ୍ୟର କଥା।' ଏତିକିରେ ସମସ୍ତେ ରାତ୍ରୀଭୋଜନ ସାରି ଶୋଇବାକୁ ଗଲେ।

ଶୋଇବାଶେଯରେ ରଙ୍ଗମା ବଗଲାକୁ କହିଲା ତୁମେ କାଲି ସହର ଯାଇ ବିଶ୍ୱନାଥ ଓ ଚମ୍ପାକୁ ସାରଙ୍କ ମନଦୁଃଖ କଥା କୁହ। ତାଙ୍କ ମନ ବଦଳିଲେ ଥରେ ଆସି ଦେଖିଯିବେ। ବଗଲା ସକାଳୁସକାଳୁ ଯାଇ ବିଶ୍ୱନାଥବାବୁଙ୍କ ସରକାରୀ କ୍ୱାଟରରେ ହାଜର। ଫଳକରେ ଲେଖାଅଛି ବିଶ୍ୱନାଥ ଟୁଡୁ। ଭିତରେ ଜଣେ ମାଳି କାମ କରୁଥିବାର ଦେଖି ବଗଲା ପାଖକୁ ଡାକିଲା। ତାଠାରୁ ସବୁ ବୁଝିଲା। ମାଳି କହିଲା,'ନିତିଦିନ ବାବୁ ମୋତେ ଏବଂ ମୋଜାତିକୁ ଦଶବାର ଥର ଗାଳିଗୁଲଜ ନକଲେ ତା'ଙ୍କ ମନ ଶାଂନ୍ତି ହୁଏନି। ତା'ଙ୍କ ଅଧିନରେ ସମସ୍ତ କର୍ମଚାରୀ ସବର୍ଣ୍ଣ। ସମସ୍ତଙ୍କୁ ସିଏ କେବଳ ରଖିଛନ୍ତି ଦୈନିକ ଗାଳିଗୁଲଜ କରିବାପାଇଁ। ତା'ଙ୍କ ସ୍ତ୍ରୀକୁ ହାଣ୍ଡିଆ ପିଇ ପିଟିଲାବେଳେ ବି ଜାତିନାଁ ନେଇ ବହୁତ ଗାଳିଶୁଣାନ୍ତି। ତୁମେ ଯଦି କାମପାଇଁ ଆସିଛ କହୁଛ ସବର୍ଣ୍ଣ ଜାତିର ବୋଲି ସେ ତୁମକୁ ନିଶ୍ଚୟ ରଖିନେବେ। କିଂନ୍ତୁ ଗାଳି ଶୁଣିବାକୁ ପଡିବ। ତାଙ୍କ ନିଜ ଜାତିରଲୋକଙ୍କୁ ସିଏ ତାଙ୍କ ଅଧିନରେ ରଖିବାକୁ ଚାହାଁନ୍ତିନି, କାରଣ ସବର୍ଣ୍ଣଙ୍କୁ ରଖି ଗାଳିକରିବା ତା'ଙ୍କର ଗୋଟଏ ଖୁସି। ଏବେ ଦିନେ ନିଶାରେ କହୁଥାନ୍ତି, 'ଆମେ ହେଲୁ ସରକାରୀ ବ୍ରାହ୍ମଣ। ଏ ଶ.. ମାନେ ସବୁ ଚୋର ଡକାୟତ ଶ.. ନୀଚ, କାମଚୋର। ମନ୍ଦିରରେ ଘଂଟି ବାଡେଇ ଦକ୍ଷିଣା ପାଇଁ ହାତ ପତେଇବେ। ଶ..ଙ୍କୁ ଖାଲି ପାହାର ଦରକାର। ମୋ'କଥା ଚାଲୁଥିଲେ ସବୁ ବ୍ରାହ୍ମଣ ଓ କରଣ ମାନଙ୍କୁ ମୁଁ ବିଲରେ ବଳଦ ବଦଳରେ ହଳରେ ଯୋଚି ଚାଷକରନ୍ତି। କଲେଜପରେ ମାଓବାଦୀଙ୍କ ସାଙ୍ଗରେ ଛ'ମାସ ବୁଲି ସବର୍ଣ୍ଣଙ୍କରକ୍ତରେ ହୋଲିଖେଳିବାର ଯେଉଁ ମଜା, ଯିଏ ଚାଖିଛି ସିଏ ଜାଣିଛି। ଜୟ ଭୀମ, ଜୟ ଆମ୍ବେଦକର। ତୁମେ ନଥିଲେ ଆମପାଇଁ କିଏ ଲେଖିଥାନ୍ତା।! ଶ.. ଏଗୁଡା ମାଳି, ପିଅନ ଭାବରେ କେମିତି ମୋ ପାଖରେ ସେବା କରୁଥାନ୍ତେ ? ଏବେ ଆମର ରାଜୁତି। ଏ ବାବୁ ! ସିଗାରେଟ୍ ଗନ୍ଧ ଆସିଲାଣି, ବାବୁ ଉଠିଲେ ବୋଧେ। ତୁମକୁ ଏଠି ଦେଖିଲେ ମୋତେ ସକାଳୁସକାଳୁ ଚଉଦପୁରୁଷ ନେଇ ଗାଳିକରିବେ।' ବଗଲା ଆଉ ସେଠି କ'ଣ ରହିବ, ଏକାମୁହାଁ ହୋଇ ଧାଇଁଲା ଶ୍ୟାମବାବୁଙ୍କ ପାଖକୁ। ମିଛରେ କହିଲା, 'ଦେଖିଲି ସବୁ ଭଲ, ସମସ୍ତେ ସେଠି ଭଲ। ଚମ୍ପା ବହୁତ ଭଲରେ ଅଛି। ଚାକର ବାକର ଖଟୁଛନ୍ତି, ମାଳି ବଗିଚା କାମ କରୁଛି। ବହୁତ ଭଲ, ସବୁ ଭଲ, ଆପଣ ଚମ୍ପାପାଇଁ ବ୍ୟସ୍ତ ହୁଅନ୍ତୁନି। ସେମାନେ ସବୁ ମହାନନ୍ଦରେ ସହରରେ ରହୁଛନ୍ତି।'

ଶ୍ୟାମବାବୁ ବଗଲା ଆଖିଲୁହରୁ ସବୁ ବୁଝି ଚୁମ୍ବକରେ କହିଲେ, 'ମୁଁ ପରା ତୋ ମାଷ୍ଟର। ମୋତେ ମିଛ କହୁଛୁ!' ଦୁହେଁ କାନ୍ଦିବା ଭିତରେ ପାଟିଶୁଣି ରଙ୍ଗମା ବାହାରକୁ ଆସିଲା। ଶ୍ୟାମବାବୁ କହିଲେ, 'କାଲି ଚମ୍ପାମା ମୋ'ସ୍ୱପ୍ନରେ ଆସି କହିଲା, 'ତୁମ ଚମ୍ପା ତୁମପାଖକୁ ଆସିଛି। ତା'କୁ ଚିହ୍ନ। ମୋ ଆଲ୍‌ମୀରା ଉପରଥାକ ଭାଗବତ ବହିତଳେ ହାରଟିଏ ଅଛି, ତା'କୁ ଦିଅ। ଘରଡିହ ତା'ନାଁରେ କର ଏବଂ ଜମିରୁ ଅଧା ବଗଲା ନାଁରେ, ବାକି ଅଧା ଗାଁ କୋଠଘରକୁ ଦାନ ସୂତ୍ରରେ ଦେଇଦିଅ। ବିଶିଆ ଓ ଚମ୍ପା ମରିଗଲେ ବୋଲି ଜାଣ, ନିଜର ଯତ୍ନ ନିଜେ ନିଅ। ମଲାଗଲା ବେଳେ ଯଦି ପାଣିଟୋକେ ଦେବାକୁ ଝିଅଜୋଇଁଙ୍କର ସମୟ ନାହିଁ ତେବେ ଆମର କଷ୍ଟଅର୍ଜିତ ଧନସମ୍ପ□ରେ ତାଙ୍କର ଅଧିକାର କାହିଁକି ଆସିବ !ଶ୍ୟାମବାବୁ ସ୍ୱପ୍ନାଦେଶନୁସାରେ ସବୁକାମ କଲେ। ଗାଁ ବାଲା କୋଠସମ୍ପ□ ପାଇ ଗାଁ ସ୍କୁଲ୍‌କୁ ତାଙ୍କନାଁରେ କରିଦେଲେ ଏବଂ ବଗଲାକୁ ସେଥିରେ ପିଅନ ଚାକିରି ମିଳିଗଲା। ଦୁହେଁ ରଙ୍ଗଙ୍କୁ ତା'ଙ୍କ ପାଖକୁ ଆଣି ରଖିବାପରେ ଗ୍ରାମସଭା ବସି ରଙ୍ଗଙ୍କୁ ସେହି ସ୍କୁଲ୍‌ରେ ମାଷ୍ଟ୍ରାଣି ରଖିଲେ। ରଙ୍ଗର ବାହାଘର ଶ୍ୟାମବାବୁ ଧୁମ୍‌ଧାମ୍‌ରେ କରୁଥିବାର ଖବର ପାଇ ବିଶିଆ ଓ ଚମ୍ପା ଦୁହେଁ ଗାଁକୁ ଆସି ଦେଖିଲେ ଯେ ବହୁତ ବଡ ଅୟୋଜନ। ଚମ୍ପା ବାହାଘରଠାରୁ ବି ବଡ ତମ୍ବୁ ଲାଗିଛି। ବଗଲାର ବନ୍ଧୁବାନ୍ଧବରେ ଶ୍ୟାମବାବୁଙ୍କ ଘର ଭ□। ରହିବାକୁ ଜାଗା ବିଷୟରେ ଚମ୍ପା ପଚାରିଲା, 'ବାପା ! ଆମେ କୋଉଘରେ ରହିବୁ ?' – 'ବାପା ! କିଏ କାହା ବାପା ? ତୋ ବାପା କରୋନାରେ ଛମାସ ତଳେ ମୋତେ ସବୁ ବିକିବାକି ଉପରକୁ ଚାଲିଗଲା। ଏବେ ତୁ ଯାହା ସାମ୍ନାରେ ଛିଡା ହୋଇଛୁ ସେ ବଗଲାର ସାର୍ ଆଉ ରଙ୍ଗର ଅଜା। ସିଏ ବିଶିଆ ଓ ଚମ୍ପାକୁ ଚିହ୍ନିନି, ତେଣୁ ତା ଘରେ ତୁମକୁ ରହିବାକୁ ଘର ଦେବାର ପ୍ରଶ୍ନ ଉଠୁଛି କେଉଁଠୁ ? ଯା, ମୋ ଆଗରୁ ଚାଲିଯା। ଗାଁର କିଛି ଲୋକ ଜମା ହୋଇ ବିଶିଆକୁ ଛୋଟଲୋକ, ନୀଚଲୋକ, ସ୍ୱାର୍ଥପର ପରି ନାନାକଥା କହି ଛିଛାକର କରିବାରୁ ସେଇ ଦାଣ୍ଡ ଦୁଆରୁ ଦୁହେଁ ସହର ଫେରି ଆସିଲେ। ରଙ୍ଗଙ୍କୁ କନ୍ୟାଦାନ ଶ୍ୟାମବାବୁ କଲେ। ଘରୁ ଝିଅବିଦା କଲାବେଳେ ଶ୍ୟାମବାବୁ ରଙ୍ଗଙ୍କୁ କୁଣ୍ଢେଇ ଆନନ୍ଦାଶ୍ରୁ ଗଡେଇ ଆଶୀର୍ବାଦ ସ୍ୱରୂପ କହୁଥାନ୍ତି ସଅଳ ମୋତେ ଅଣନାତିଟିଏ ଦେ। ମୋ ରକ୍ତର ନହେଲେ ନାହିଁ, ସେହି ମୋର ସଂକ। କାହିଁ ରକ୍ତସମ୍ପର୍କ ତ କରୋନା ବେଳେ କେହି ଜଣେ ମୁହଁ ଦେଖେଇଲେନି ! ଏଠି କରୋନାରେ ଯେତିକି ମରୁନାହାଁନ୍ତି ଏବେ ଯତ୍ନ ଏବଂ ସ୍ନେହଁଶ୍ରଦ୍ଧା ଅଭାବରୁ ବେଶୀ ମରିଯାଉଛନ୍ତି। ମଣିଷପଣିଆ ମଣିଷଙ୍କ ଠାରେ ଦିନୁଦିନ କମିକମି ଆସୁଛି। ବୋଧହୁଏ ରକ୍ତସମ୍ପର୍କ ବୋଲି ସେମିତି କିଛି ନାହିଁ। ସବୁ ମନଗଢା କଥା, ମିଛମାୟା ସଂସାର।

ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧




# କରୋନା ସମୟରେ ମାନସିକ ଚାପ ନିୟନ୍ତ୍ରଣ ସମ୍ପର୍କୀତ ୱେବିନାର

ଭୁବନେଶ୍ୱର: କରୋନା ସଂକ୍ରମଣର ଦ୍ୱିତୀୟ ଲହରୀ ଦେଶରେ ଉଗ୍ରରୂପ ଧାରଣ କରୁଥିବା ସମୟରେ ଲୋକମାନଙ୍କ ଚଳାଚଳରେ ପ୍ରତିବନ୍ଧକ, ଆତ୍ମୀୟସ୍ୱଜନ ଏବଂ ଜଣାଶୁଣା ବ୍ୟକ୍ତିମାନଙ୍କ ମୃତ୍ୟୁ ଖବର ସାଙ୍ଗକୁ ଅତିମାତ୍ରାରେ କରୋନା ସମ୍ପର୍କୀତ ସମ୍ବାଦକୁ ସାମାଜିକ ଗଣମାଧ୍ୟମରୁ ଜାଣିବାର ଆଗ୍ରହ ଲୋକମାନଙ୍କ ମନରେ ମାନସିକ ଚାପକୁ ବଢାଇ ଦେଉଛି ବୋଲି ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ହୃଦରୋଗ ବିଭାଗ ସହକାରୀ ପ୍ରଫେସର ଡାକ୍ତର ଦୀପକ ରଞ୍ଜନ ଦାସ କହିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଆଜି କୋଭିଡ ସମୟରେ ମାନସିକ ଚାପ ନିୟନ୍ତ୍ରଣ ଶୀର୍ଷକ ଏକ ୱେବିନାର ଆଲୋଚନାରେ ଯୋଗଦେଇ ଡାକ୍ତର ଦାସ କହିଛନ୍ତି ଯେ, କରୋନା ସଂକ୍ରମଣ ସମ୍ପର୍କୀତ ବିଭିନ୍ନ କଟକଣା ଲୋକମାନଙ୍କର ରୋଜଗାର, ଚାକିରି, ଜୀବିକା ଆଦିକୁ ପ୍ରଭାବିତ କରିଛି । ଲୋକଙ୍କୁ ଏକୁଟିଆ କରିଦେଇଛି । ବିଭିନ୍ନ ପ୍ରକାରର ସାମାଜିକ ଏବଂ ବ୍ୟକ୍ତିଗତ ସମସ୍ୟା ସୃଷ୍ଟି ହୋଇଛି । ତେଣୁ ଲୋକଙ୍କର ମାନସିକ ଅବସାଦ ଏବଂ ଚାପ ବୃଦ୍ଧି ପାଉଛି । ଏସବୁ ଉଗ୍ର ରୂପ ଧାରଣ କରି ଆତ୍ମହତ୍ୟା ଭଳି ଘଟଣା ସମଗ୍ର ବିଶ୍ୱରେ ବର୍ତ୍ତମାନ ଦେଖାଦେଇଛି । ତେଣୁ ମାନସିକ ଚାପ କମାଇବା ନିମନ୍ତେ ବହି ପଢିବା, ଗୀତ ଶୁଣିବା, ଶାରୀରିକ ବ୍ୟାୟାମ କରିବା, ସାମାଜିକ ଗଣମାଧ୍ୟମ ଏବଂ ଟେଲିଭିଜନରେ ଦୀର୍ଘସମୟ ବ୍ୟୟ ନ କରିବା ଭଳି ଉପଦେଶ ଦେଇଛନ୍ତି । ମାନସିକ ଚାପର କାରଣ, ଲକ୍ଷଣ ଏବଂ ଉପଚାର ଉପରେ ବିସ୍ତୃତ ଆଲୋଚନା କରି ଏ ସମ୍ପର୍କୀତ ଚାପହ୍ରାସର ବିଭିନ୍ନ ଉପାୟ ସମ୍ପର୍କରେ ଡକ୍ଟର ଦାସ ଆଲୋଚନା କରିଥିଲେ । ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ଶିକ୍ଷାବିତ୍ ନିରଞ୍ଜନ ପାଣିଗ୍ରାହୀ କହିଥିଲେ ଯେ, ଦୈନନ୍ଦିନ ଜୀବନରେ ମାନସିକ ଚାପ ଏକ ଅବିଚ୍ଛେଦ୍ୟ ଅଙ୍ଗ । କିନ୍ତୁ ନିଜର ସମସ୍ୟାକୁ ନିଜେ ନିୟନ୍ତ୍ରଣ ନ କରିଲେ ଏହା ଜଟିଳ ଶାରୀରିକ ସମସ୍ୟାରେ ପରିଣତ ହୁଏ । ତେଣୁ ଏହି ସମସ୍ୟାରୁ ଦୂରେଇ ରହିବାକୁ ହେଲେ ଅନ୍ୟସହ ନିଜକୁ ତୁଳନା ନ କରିବା, ସହନଶୀଳ ହେବା, ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ, ଶାରୀରିକ ଶ୍ରମ ଆଦି ଆବଶ୍ୟକ ବୋଲି କହିଥିଲେ । ଶିକ୍ଷାବିତ୍ ଶ୍ରୀମତୀ ସୋମଭଦ୍ରା ତ୍ରିପାଠୀ କରୋନା କଟକଣା ଭିତରେ ଛାତ୍ର ସମାଜର ମାନସ୍ତାତ୍ତ୍ୱିକ ସମସ୍ୟା ବର୍ଣ୍ଣନା କରି ସେମାନଙ୍କ ପାଇଁ ଚିତ୍ରକଳା, ନୃତ୍ୟ, ଗୀତଗାଇବା, ଗୀତ ଶୁଣିବା, ପରିବାରବର୍ଗଙ୍କ ସହ ମିଳିମିଶି ଏକତ୍ର ବସି କଥା ହେବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏସବୁ ଦ୍ୱାରା ମାନସିକ ଚାପ ହ୍ରାସ ପାଇବ ବୋଲି ମତ ଦେଇଥିଲେ । ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ ତଥା ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଆଲୋଚନା ପ୍ରସଙ୍ଗରେ ସମସ୍ତଙ୍କର ମାନସିକ ଚାପ ଏବଂ ସମସ୍ୟା ପରସ୍ପରଠାରୁ ଅଲଗା ହୋଇଥିବାରୁ ଏହାର ନିରାକରଣ ନିମନ୍ତେ ପୁସ୍ତକ ପଠନ, ଜ୍ଞାନ ଆହୋରଣ ଆଦି ମାଧ୍ୟମରେ ସମୟର ସଦୁପଯୋଗ କରିବାକୁ ଉପଦେଶ ଦେଇଥିଲେ । ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କୀତ ଅନେକ ଭୁଲ ତଥ୍ୟ ପ୍ରକାଶ ପାଉଥିବାରୁ ପତ୍ରସୂଚନା କାର୍ଯ୍ୟାଳୟର ସାମାଜିକ ଗଣମାଧ୍ୟମରେ ଦିଆଯାଉଥିବା ସୂଚନାଗୁଡିକୁ ଗ୍ରହଣ କରିବାକୁ କହିଥିଲେ। ଏଥିସହିତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ପାଳନ ଉପରେ ଗୁରୁତ୍ୱ ଦେଇଥିଲେ ।

# କୋଭିଡ ପାଇଁ ଜିଲ୍ଲାସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି କଲା ଏବିଭିପି

ଭୁବନେଶ୍ୱର:ରାଜ୍ୟରେ କରୋନାର ସ୍ଥିତିକୁ ଦୃଷ୍ଟିରେ ରଖି ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଜିଲ୍ଲା ସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି ହୋଇଛି। ସମାଜର ସବୁ ବର୍ଗର ବ୍ୟକ୍ତିବିଶେଷ ବିଶେଷ କରି ଛାତ୍ରଛାତ୍ରୀ ମାନେ ଏହି ସେବାର ଲାଭ ପାଇପାରିବେ। ପୂର୍ବରୁ ଏବିଭିପି ତରଫରୁ ଜାତୀୟ ସ୍ତରୀୟ ଓ ପ୍ରାନ୍ତ ସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି ହୋଇଥିଲା।

ସୋମବାର ଦିନ ଅନଲାଇନରେ ଏବିଭିପି ତରଫରୁ ବିଭିନ୍ନ ଅତ୍ୟାବଶ୍ୟକ ସେବା ପାଇଁ ଜିଲ୍ଲାସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି ହୋଇଛି। ଏଥିରେ ଅତିଥି ଭାବରେ ବିଶିଷ୍ଟ ଆୟୁର୍ବେଦିକ ଡାକ୍ତର ତଥା ଜିଜ୍ଞାସା ଫୋରମର ପ୍ରାନ୍ତ ପ୍ରମୁଖ ଡ ସୁସ୍ମିତା ଓତା ଓ ପରିଷଦର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଗୋବିନ୍ଦ ନାୟକ ଉପସ୍ଥିତି ଥିଲେ। ମହାମାରୀ କରୋନାକୁ ରୋକିବାକୁ ହେଲେ ସମସ୍ତଙ୍କୁ ସଚେତନ ହେବାକୁ ପଡିବ ବୋଲି ଡ ଓତା କହିଥିଲେ। ସମସ୍ତଙ୍କୁ ଡବଲ ମାସ୍କ ପିନ୍ଧିବା , ସାନିଟାଇଜର ବ୍ୟବହାର କରିବା ସହ ସାମାଜିକ ଦୂରତା ରକ୍ଷା କରିବା ପାଇଁ ସେ କହିଥିଲେ। ସଂକଟପୂର୍ଣ୍ଣ ପରିସ୍ଥିତିରେ ବିଦ୍ୟାର୍ଥୀ ପରିଷଦର ଏହି କାର୍ଯ୍ୟ ମାନବିକାତର ସ୍ୱରୁପ ବୋଲି ସେ କହିଥିଲେ।

ଏବିଭିପିର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଗୋବିନ୍ଦ ନାୟକ ଏଥିରେ ଯୋଗ ଦେଇ ସେବା କାର୍ଯ୍ୟରେ ବିଦ୍ୟାର୍ଥୀ ପରିଷଦର ଲମ୍ବା ଯାତ୍ରା ସମ୍ବନ୍ଧରେ ଆଲୋକ ପାତ କରିଥିଲେ। ଗତବର୍ଷରୁ ଆରମ୍ଭ କରି ଚଳିତ ବର୍ଷ ପର୍ଯ୍ୟନ୍ତ ମହାମାରୀ କରୋନା ସମୟରେ ବିଦ୍ୟାର୍ଥୀ ପରିଷଦର ସେବା କାର୍ଯ୍ୟ ଜାରି ରହିଛି। କ୍ୟାମ୍ପସ ସାନିଟାଇଜ ହେଉ ବା ରକ୍ତଦାନ କେନ୍ଦ୍ର ସବୁଠି ପରିଷଦର କାର୍ଯ୍ୟକର୍ତା ମାନେ ନିଜର ପରାକାଷ୍ଠା ଦେଖାଇଛନ୍ତି।

ସବୁ ସମୟରେ ତତ୍ପରତା ଦେଖାଇ ଥିବା ବିଦ୍ୟାର୍ଥୀ ପରିଷଦ, କରୋନାର ଦ୍ୱିତୀୟ ଲହରୀ ସମୟରେ ମଧ୍ୟ ସମାଜର ସବୁ ବର୍ଗର ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛି ବୋଲି ଏବିଭିପିର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି କହିଛନ୍ତି। ଆଗକୁ ରକ୍ତଦାନ ଶିବିର କରାଯିବା ସହ ଟିକାକରଣ ପାଇଁ ଲୋକମାନଙ୍କୁ ଉତ୍ସାହିତ କରାଯିବ ବୋଲି ବୋଲି ସେ କହିଛନ୍ତି।

## ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକ ଅନୁଷ୍ଠିତ

# ଜିଲ୍ଲାସ୍ତରରେ ବ୍ୟାପକ ସଚେତନତା ଏବଂ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

ଭୁବନେଶ୍ୱର: ରାଜ୍ୟରେ ବାଲ୍ୟବିବାହ ପ୍ରଥା ସଂପୂର୍ଣ୍ଣ ନିଷେଧ କରିବା ଲକ୍ଷ୍ୟରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ବ୍ୟାପକ ଯୋଜନାବଦ୍ଧ କାର୍ଯ୍ୟଖସଡ଼ା ପ୍ରସ୍ତୁତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ବାଲ୍ୟବିବାହ ନିଷେଧ ପାଇଁ ଜିଲ୍ଲା, ବ୍ଲକ୍ ଏବଂ ପଂଚାୟତସ୍ତରରେ ଗଠିତ ଟାସ୍କ ଫୋର୍ସ/କମିଟିଗୁଡ଼ିକ ଅଧିକ କ୍ରିୟାଶୀଳ ହେବା ସହ ବାଲ୍ୟବିବାହ ଦ୍ୱାରା କୋମଳମତି ଶିଶୁମାନଙ୍କ ମାନସିକ, ଶାରୀରିକ ନକାରାତ୍ମକ ପ୍ରଭାବ ସଂପର୍କରେ ସଚେତନତା ସୃଷ୍ଟି କରି ଏହାକୁ ରୋକିବା ଦିଗରେ ସମସ୍ତ ଉଦ୍ୟମ କରିବାକୁ କୁହାଯାଇଛି । ସଂପ୍ରତି କୋଭିଡ୍-୧୯ ଦ୍ୱିତୀୟ ଲହରୀ ପରିପ୍ରେକ୍ଷୀରେ ବାଲ୍ୟବିବାହର ଶିକାର ହେଉଥିବା ଶିଶୁମାନେ ଖୁବ୍ ସମ୍ବେଦନପ୍ରବଣ ହୋଇପଡ଼ିଛନ୍ତି ଏବଂ ଆଗାମୀ ଦିନରେ ଆସୁଥିବା ଅକ୍ଷୟ ତୃତୀୟା ତିଥିରେ ଗଣବିବାହ ହେବା ସମ୍ଭାବନା ଥିବାରୁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ଧର୍ମାନୁଷ୍ଠାନ, ମନ୍ଦିର ଏବଂ ବିବାହ ମଣ୍ଡପଗୁଡ଼ିକରେ ହେଉଥିବା ବିବାହଗୁଡ଼ିକରେ ଅନୁଷ୍ଠାନର ମୁଖ୍ୟମାନେ ଜନ୍ମ ପ୍ରମାଣପତ୍ରକୁ ଯାଂଚ କରବା ନିମନ୍ତେ ପଂଚାୟତିରାଜ ଓ ଆଇନ ବିଭାଗ ତରଫରୁ ପଦକ୍ଷେପ ନେବାକୁ ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ପ୍ରତ୍ୟେକ ଦୁଇ ମାସରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକ ଭର୍ଚୁଆଲ୍ ମାଧ୍ୟମରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାଲ୍ୟବିବାହ ନିଷେଧ କ୍ଷେତ୍ରରେ ସମ୍ମିଳିତ ଭାବେ ସହଭାଗିତାର ସହ କାର୍ଯ୍ୟ କରୁଥିବା ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପଂଚାୟତିରାଜ ଓ ପାନୀୟଜଳ ଏବଂ ଆଇନ ଆଦି ପ୍ରମୁଖ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ୟୁନିସେଫ୍, ୟୁଏନ୍ଏଫ୍ପିଏ, ଆକ୍ସନ୍ ଏଡ୍, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ସିଆଇଡି, କ୍ରାଇମ ବ୍ରାଂଚ, ପୋଲିସର କର୍ମକର୍ତାମାନେ ଯୋଗଦେଇଥିଲେ । ବିଗତ ଦିନମାନଙ୍କରେ ଓଡ଼ିଶାରେ ବାଲ୍ୟବିବାହର ସ୍ଥିତି ଏବଂ ଭବିଷ୍ୟତରେ ବାଲ୍ୟବିବାହ ରୋକିବା ନିମନ୍ତେ ବିଭିନ୍ନ ଆକ୍ସନ୍ ପ୍ଲାନ୍ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ପ୍ରମୁଖ ସଚିବ ଶ୍ରୀମତୀ ଗର୍ଗ ବର୍ତମାନ ସୁଦ୍ଧା ବାଲ୍ୟବିବାହ ନିଷେଧ ଦିଗରେ ନିଆଯାଇଥିବା ବହୁବିଧ ପଦକ୍ଷେପକୁ ପ୍ରଶଂସା କରିବା ସହ ଜିଲ୍ଲାସ୍ତରରେ ଅଧିକାରୀମାନଙ୍କ ଉଦ୍ୟମରେ ଅଧିକରୁ ଅଧିକ ଗାଁ ବାଲ୍ୟବିବାହମୁକ୍ତ ହୋଇପାରିଛି ବୋଲି କହିଥିଲେ । ୩୧ ମାର୍ଚ୍ଚ, ୨୦୨୧ ସୁଦ୍ଧା ରାଜ୍ୟର ୩୦୦୭ଟି ଗାଁ ସଂପୂର୍ଣ୍ଣ ବାଲ୍ୟବିବାହମୁକ୍ତ ହୋଇପାରିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ବାଲ୍ୟବିବାହ ରୋକିବା ଦିଗରେ ସୁଦକ୍ଷା ଯୋଜନା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ବାଳିକାମାନେ ହଷ୍ଟେଲ୍‌ରେ ରହିବା ଆଦି କାର୍ଯ୍ୟକ୍ରମ ବେଶ ଫଳପ୍ରଦ ହୋଇଛି ବୋଲି ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଥିଲେ । ବାଲ୍ୟବିବାହରୁ ଉଦ୍ଧାର କରାଯାଇଥିବା କିଶୋରୀମାନଙ୍କୁ ପରବର୍ତୀ ସମୟରେ ଦକ୍ଷତା ବିକାଶ ମାଧ୍ୟମରେ ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ପ୍ରମୁଖ ବିଭାଗଗୁଡ଼ିକର କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋକପାତ କରାଯାଇଥିଲା । ବିଶେଷ କରି ବାଳିକାମାନଙ୍କ ସୁରକ୍ଷା ଓ ନିରାପତାକୁ ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲାସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବାକୁ ବୈଠକରେ ମତପ୍ରକାଶ ପାଇଥିଲା । ନିର୍ଦ୍ଦେଶକ, ସମନ୍ୱିତ ଶିଶୁବିକାଶ ଏବଂ ସମାଜ କଲ୍ୟାଣ ଶ୍ରୀ ଅରବିନ୍ଦ ଅଗ୍ରୱାଲ ମହିଳା ଓ ବାଳିକାମାନେ ସମ୍ମୁଖୀନ ହେଉଥିବା ଯୌତୁକ ପ୍ରଥା, ଘରୋଇ ହିଂସା, କର୍ମସ୍ଥଳୀରେ ଯୌନ ନିର୍ଯାତନା, ମହିଳା ଚାଲାଣ ଆଦି ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋକପାତ କରିବା ସହ ବିଭିନ୍ନ ସରକାରୀ ବିଭାଗ, ସହଭାଗୀ ସଂସ୍ଥା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ନାଗରିକ ଅନୁଷ୍ଠାନଗୁଡ଼ିକର ମିଳିତ ପ୍ରୟାସରେ ତଦାରଖ ପ୍ରକ୍ରିୟାକୁ ଆହୁରି ଜୋରଦାର କରିବା ସହ ମହିଳାମାନଙ୍କ ପାଇଁ ଓଡ଼ିଶାକୁ ଏକ ସୁରକ୍ଷିତ ରାଜ୍ୟରେ ପରିଣତ କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ରକାଶ ଥାଉ କି, ୨୦୧୯ ମସିହାରେ ୟୁନିସେଫ, ୟୁଏନ୍ଏଫ୍ପିଏ, ଆକ୍ସନ୍ଏଡ୍, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, କ୍ରାଇମ୍ ବ୍ରାଂଚ ଏବଂ ପୋଲିସ୍ ବିଭାଗ ଆଦିକୁ ଅନ୍ତର୍ଭୁକ୍ତ କରି ରାଜ୍ୟରେ ବାଲ୍ୟବିବାହ ରୋକିବା ନିମନ୍ତେ ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟି ଗଠନ କରାଯାଇଥିଲା।

# ୧୫ ଫୁଟ ଲମ୍ବର ଅହିରାଜ ଉଦ୍ଧାର

ବାରିପଦା: ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଓ ରେଞ୍ଜ ଅଧୀନ ନିଶ୍ଚିନ୍ତା ଗ୍ରାମର ଅଶୋକ ମହାପାତ୍ରଙ୍କ ଘରର ବେଡ୍ ରୁମ ଭିତରେ ଆଜି ସକାଳ ସମୟରେ ଏକ ବିରାଟକାୟ ସାପ ଲୁଚିଥିବାର ପରିବାରର ଲୋକେ ଦେଖି ବାଙ୍ଗିରିପୋଷି ରେଞ୍ଜକୁ ଖବର ଦେଇଥିଲେ । ଖବରପାଇ ରେଞ୍ଜ ଅଧିକାରୀ , ଫରେଷ୍ଟ ଗାର୍ଡ ସ୍ନେକ ହେଲପ୍ ଲାଇନର ଅଭିଜ୍ଞ ସାପଧରାଳୀ କ୍ରୀଷ୍ଣା ଗୋଚ୍ଛାୟତ ଓ ତପନ ଗୋଚ୍ଛାୟତଙ୍କୁ ସାଥୀରେ ଧରି ପୂର୍ବାହ୍ନ ପ୍ରାୟ ସାଢ଼େ ୭ ସମୟରେ ଅଶୋକ ମହାପାତ୍ରଙ୍କ ଘରେ ପହଂଚି ଅତି ସତର୍କତାର ସହିତ ସାପଟିକୁ ଉଦ୍ଧାର କରିଥିଲେ । ଉଦ୍ଧାର କରାଯାଇଥିବା ସାପଟି ଅହିରାଜ ବୋଲି ଜଣାପଡ଼ିଥିବା ବେଳେ ସାପଟିର ଲମ୍ବ ୧୫ ଫୁଟ ହୋଇଥିଲା । ପରେ ଉକ୍ତ ଅହିରାଜ ସାପଟିକୁ ବାଙ୍ଗିରିପୋଷି ଘାଟି ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା ।

# ଗୋପ ଗ୍ରାମରୁ ଚୋରି ଅଭିଯୋଗ

କେନ୍ଦ୍ରାପଡ : କେନ୍ଦ୍ରାପଡା ଟାଉନ ଅନ୍ତର୍ଗତ ଗୋପ ଗ୍ରାମର ସୁଶାନ୍ତ କୁମାର ସାହୁ ଅଭିଯୋଗ କରିଛନ୍ତି ଯେ ଗୁରୁବାର ରାତିରେ ସେ ସପରିବାର ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ବହୁ ମୂଲ୍ୟବାନ ଜିନିଷ ଚୋରି କରିନେଇଯାଇଛି । ତାଙ୍କ ଘରର ଦକ୍ଷିଣ ପାର୍ଶ୍ୱ ଝରକା ତାଡି ସୁନା ମୁଦି, ଶାଙ୍ଖ, କାନଫୁଲ ପ୍ରଭୃତି ପ୍ରାୟ ୧୫ ଗ୍ରାମ ଓଜନର ସୁନା ଗହଣା, ରୁପା ଖଡୁ, ପାଉଁଜି (୧୦ହଳ)ଅ□ବିଛା ସମେତ ୩ଟି ମହିଳା ହାତଘ□, ଭ୍ୟାନିଟି ବ୍ୟାଗ, ଏଟିଏମ କାର୍ଡ, ଅଫିସ ଚାବି ଓ ନଗଦ ୧୨ହଜାର ୫ଶହ ଟଙ୍କା ଚୋରି କରିନେଇଥିବା ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଥାନା ପକ୍ଷରୁ ଏକ ଚୋରି ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ କହିଛନ୍ତି।

# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ କରୋନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଯାଜପୁର: ଯାଜପୁର ଟାଉନ ଗାନ୍ଧିଛକ ଠାରୁ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ



ଏକ କରୋନା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ କରୋନା ଠାରୁ କିପରୀ ରକ୍ଷା ପାଇପାରିବା ସେ ସମ୍ପର୍କରେ ଯାଜପୁର ଟାଉନ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରାଇଛନ୍ତି ଲୋକମାନେ ସବୁବେଳେ ମାକ୍ସ ପିନ୍ଧିବା, ସାବୁନରେ ହାତ ଧୋଇବା, ସାନିଟାଇଜର ବ୍ୟବହାର କରିବା, ଅତି ଆବଶ୍ୟକତା ନଥିଲେ ବାହାରକୁ ଯିବା ନାହିଁ, ଗହଳି ଠାରୁ ଦୂରେଇ ରହିବେ ଓ ବାହାର ରାଜ୍ୟରୁ ଆସୁଥିବା ପରିବାର ସଦସ୍ୟ, ବନ୍ଧୁବାନ୍ଧବ ସ୍ଥାନୀୟ ପ୍ରଶାସନ ସହିତ ଯୋଗାଯୋଗ କରି ସଂଗରୋଧରେ ରହିବାକୁ ସଂଗଠନ ପକ୍ଷରୁ ଲୋକମାନଙ୍କୁ ବୁଝାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ସଂଗଠନର ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ସଂଗଠନ ସଂପାଦକ ଅଭିମନ୍ୟୁ ମିଶ୍ର, ଯାଜପୁର ଟାଉନ ଭାରାପ୍ରାପ୍ତ ଥାନାଅଧିକାରୀ ମାନସ ରଞ୍ଜନ ଚକ୍ର ପ୍ରମୁଖଙ୍କ ନେତୃତ୍ୱରେ ସହର ପରିକ୍ରମା କରି ସଚେତନା କାର୍ଯ୍ୟକ୍ରମ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଇଚ୍ଛାମୟୀ ଧଳ, ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟ, ଉପସଭାପତି ସୁବାଷ ଦେବତା ରଜନୀ ସାହୁ, ନାଟ୍ୟ ନିଦେର୍ଦଶକ ପ୍ରଶନ୍ନ ବିଶ୍ୱାଳ, ଅନିଲ ଜେନା, ଉପେନ୍ଦ୍ର କୁମାର ଜେନା, ଧନଞ୍ଜୟ ନାୟକ, ମୁକୁନ୍ଦ ନାୟକ, ଭାବଗ୍ରାହୀ ମିଶ୍ର, ପ୍ରଭାତ ଦାସ, ସୁକାନ୍ତ ରାଉତ, ମମତା ଜେନା, ସ୍ୱାତୀ ପଣ୍ଡା, ସାଗରିକା ପରିଡା ଚିନ୍ମୟୀ ଦାସ, ଅନୀତା ମୁଦୁଲି, ସୁବାଷ ଦାସ, ଅଶ୍ୱରାୟ ସାହୁ, ବିଜୟ ମହାରଣା, ସାମ୍ବାଦିକ ସନ୍ତୋଷ ମିଶ୍ର, ଦିଲ୍ଲିପ ଦାସ, ଦେବାଶିଷ ସାହୁ, ଦିବ୍ୟଜ୍ୟୋତି ଦାସ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଛନ୍ତି।

# ଗରମ ସହି ନ ପାରି ଗଛରୁ ତଳକୁ ଖସି ଜୀବନ ହରାଇଲେଣି ଶତାଧିକ ବାଦୁଡ଼ି

ବାରିପଦା: ବାରିପଦା ପୌରପରିଷଦର କେନ୍ଦ୍ରସ୍ଥଳି ଗାନ୍ଧୀପାର୍କ ଓ ପାର୍କକୁ ଲାଗିଥିବା ବଡ଼ ପୋଖରୀ ଆଡ଼ି ସହ ଅଷ୍ଟଲିଙ୍ଗେଶ୍ୱର ପକ୍ଷୀ ବିହାର ଭିତରେ ରହିଥିବା ଗଛଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ବାଦୁଡ଼ି ରହିଥାନ୍ତି । ଗ୍ରୀଷ୍ମ ଋତୁରେ ତାପମାତ୍ରାରେ ବୃଦ୍ଧି ଘଟିଲେ ଏହି ବାଦୁଡ଼ିମାନେ ଗରମକୁ ସହି ନ ପାରି ଗଛରୁ ପାଚିଲା ଫଳ ଭଳି ତଳକୁ ଖସି ପଡ଼ନ୍ତି । ଏହି ସମୟରେ ତଳକୁ ଖସିପଡ଼ିଥିବା ବାଦୁଡ଼ିମାନଙ୍କୁ ପାଣି ପିଆଇ ସୁସ୍ଥ କରାଇବା ବଦଳରେ କେତେକ ହିଂସ୍ର ମଣିଷ ଏମାନଙ୍କୁ ନେଇ ତାର ମାଂସକୁ କାଟି ଖାଉଥିବା ବେଳେ ଅନ୍ୟ କେତେକ ପ୍ରତି କିଲୋଗ୍ରାମ ପିଛା ଏକ ହଜାରୁ ଟଙ୍କାରୁ ଆରମ୍ଭ କରି ୨/୩ ହଜାର ଟଙ୍କାରେ ଏମାନଙ୍କ ମାଂସକୁ ବିକ୍ରି କରିଥାନ୍ତି। ବାଦୁଡ଼ିମାନଙ୍କର ଏହି ପ୍ରକାରର ଦୁରାବସ୍ଥାକୁ ଦେଖି ବାରିପଦା ପୌରପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ବନଖଣ୍ଡ ଅଧିକାରୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ସହ ଯୋଗାଯୋଗ କରି ବାଦୁଡ଼ିମାନେ ବସବାସ କରୁଥିବା ଗଛଗୁଡ଼ିକରେ ପାଣି ସ୍ପ୍ରେ କରାଇଥାନ୍ତି ଏବଂ ଏହି ପାଣି ସ୍ପ୍ରେ ବାଦୁଡ଼ିମାନଙ୍କ ଜୀବନକୁ ସୁରକ୍ଷିତ କରାଇ ଦେଇଥାଏ। ମାତ୍ର ୨୦୧୯ରେ ପୌରପରିଷଦର ବୋର୍ଡ଼ ଭାଙ୍ଗିଯିବା ପରେ ବାଦୁଡ଼ିମାନଙ୍କ ଉପରେ ପାଣି ସ୍ପ୍ରେ କରାଯିବା କାର୍ଯ୍ୟ ବନ୍ଦ ହୋଇଗଲା। ଏହି ସମୟରେ ଚଳିତ ବର୍ଷ ବାରିପଦା ସହର ଓଡ଼ିଶାର ଉତପ୍ତ ସହରରେ ପରିଣତ ହୋଇ ସାରିଥିବା ବେଳେ ବାଦୁଡ଼ିମାନଙ୍କ ସୁରକ୍ଷା ନିମନ୍ତେ କାହାରି ଆନ୍ତରିକତା ନଥିବାରୁ ଶହ ଶହ ସଂଖ୍ୟାରେ ବାଦୁଡ଼ି ତଳକୁ ଖସି ଜୀବନ ହରାଉଛନ୍ତି। ଏ ବିଷୟରେ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ୍ କରିନଥିଲେ ।

## ଭୁବନେଶ୍ୱରରେ ଟେଷ୍ଟିଂ ଓ ହସ୍ପିଟାଲରେ ଶଯ୍ୟା ବୃଦ୍ଧି ଦାବି କଲା ବିଜେପି

# କୋଭିଡ୍ ପରିସ୍ଥିତିରେ ବିଏମସି କମିଶନରଙ୍କୁ ରାଜଧାନୀବାସୀଙ୍କ ସମସ୍ୟା ଜଣାଇଲେ

ଭୁବନେଶ୍ୱର: ଭୁବନେଶ୍ୱରରେ କୋଭିଡ୍ ଚିକିତ୍ସା ପାଇଁ ଶଯ୍ୟା, ମେଡିସିନ, ଅକ୍ସିଜେନ ଅଭାବ କାରଣରୁ ପରିସ୍ଥିତି ସଂକଟାପନ୍ନ ହୋଇପଡିଛି । କୋଭିଡ୍ କାରଣରୁ ସୃଷ୍ଟି ହୋଇଥିବା ସାଂପ୍ରତିକ ପରିସ୍ଥିତିରେ ରାଜଧାନୀବାସୀଙ୍କ ମୌଳିକ ସମସ୍ୟା ସଂପର୍କରେ ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ସୋମବାର ବିଏମସି କମିଶନରଙ୍କୁ ସାକ୍ଷାତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଛନ୍ତି। କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି ।

ଶ୍ରୀ ସିଂ କହିଛନ୍ତି ଯେ ପ୍ରତିଦିନ କୋଭିଡ୍ ସଂକ୍ରମଣ ଦୃତ ଗତିରେ ବଢି ଚାଲିଥିବାବେଳେ କୋଭିଡ୍ ପରିଚାଳନାରେ ଅନେକ ତୃଟି ଓ ଅବହେଳା ସ୍ପଷ୍ଟ ପରିଲକ୍ଷିତ ହେଉଛି । ପ୍ରଥମତଃ କୋଭିଡ୍ ଟେଷ୍ଟ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଇଛି । ଦ୍ୱିତୀୟତଃ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାବେଳେ ଚିକିତ୍ସା ପାଇଁ ଡାକ୍ତରଖାନାଗୁଡିକରେ ଶଯ୍ୟାର ଅଭାବ, ଔଷଧର ଅଭାବ ସହ ଅକ୍ସିଜେନର ଅଭାବ ମଧ୍ୟ ପରିଲକ୍ଷିତ ହେଉଛି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି । ଭୁବନେଶ୍ୱର ଏକ ଜନଗହଳିପୂର୍ଣ୍ଣ ଅଂଚଳ ହୋଇଥିବାରୁ ବିଭିନ୍ନ ଅଂଚଳକୁ ନିୟମିତ ଭାବେ ସାନିଟାଇଜ କରାଯାଉ ।

# କୋଭିଡ଼ ହସ୍ପିଟାଲରେ ଅକ୍ସିଜେନ ବ୍ୟବସ୍ଥା ଓ ଅଗ୍ନି ସୁରକ୍ଷା ଉପରେ ସତର୍କ ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## - କୋଭିଡ଼ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନା ଅଧିକ ଫି ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

## - ତୃତୀୟ ଲହରୀ ପାଇଁ ଏବେ ଠାରୁ ସତର୍କ ଦୃଷ୍ଟି ରଖିବାକୁ ପରାମର୍ଶ

ଭୁବନେଶ୍ୱର: ଜିଲ୍ଲାସ୍ତରରେ କୋଭିଡ ଚିକିତ୍ସା କେନ୍ଦ୍ର ଗୁଡିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଏବଂ ମେଡିକାଲ ଅକ୍ସିଜେନ ସୁବିଧା ଉପରେ ୨୪ ଘଂଟିଆ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୋଭିଡ ଚିକିତ୍ସା କରୁଥିବା ବେସରକାରୀ ମେଡିକାଲ ଉପରେ ସତର୍କ ଦୃଷ୍ଟି ରଖ । ସେମାନେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଭିତରେ ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିବାକୁ ବାଧ । ଯଦି ସେମାନେ ଏହା ନ କରନ୍ତି, ତେବେ ସଂପୃକ୍ତ ହସ୍ପିଟାଲ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ କୋଭିଡ ସଂଖ୍ୟା ଥିବା ଅଂଚଳ ଗୁଡିକରେ ଟେଷ୍ଟିଂ, ଟ୍ରେସିଂ ଓ କଂଟେନମେଂଟକୁ ଜୋରଦାର କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ କୋଭିଡ ପରିଚାଳନା ସଂପର୍କିତ ବୈଠକରେ ଅଧକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଇସିୟୁ ଓ ଏଚଡିୟୁ ଦାୟିତ୍ୱରେ ଥିବା ଡାକ୍ତରମାନଙ୍କ ଠାରୁ ସିଧାସଳଖ ଫିଡବ୍ୟାକ୍ ନେଇ ସେମାନଙ୍କ ମତାମତ ଭିତିରେ ପଦକ୍ଷେପ ନିଅ ।

ଟୀକାକରଣ କାର୍ଯ୍ୟକ୍ରମ ପାଇଁ ତ୍ରୁଟି ଶୂନ୍ୟ ବ୍ୟବସ୍ଥା କରିବା , ବୟସ୍କ, ମହିଳା ଓ ଦୁର୍ବଳ ଶ୍ରେଣୀର ଲୋକଙ୍କର ଯତ୍ନ ନେବା କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୋଭିଡ ହସ୍ପିଟାଲ ଗୁଡିକରେ ହେଲ୍ପ ଲାଇନ ଗୁଡିକୁ ଅଧିକ କ୍ରିୟାଶୀଳ କରାଯାଉ ଏବଂ ରୋଗୀଙ୍କ ପରିବାର ବର୍ଗଙ୍କୁ ନିୟମିତ ସୂଚନା ଦିଆଯାଉ ।ଏଭଳି କଠିନ ସମୟରେ ଦୁଃଖ ଓ ଦୈନ୍ୟରେ ଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ବ୍ୟବହାର କରି ସାହାଯ୍ୟ କର । ଏହି ଯୁଦ୍ଧ ବହୁତ ଲମ୍ବା । ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ଲକ୍‌ଡାଉନ ଲାଗୁ କରାଯାଇଛି । ଏହା ଠିକ୍ ଚାଲିଥିଲେ ମଧ୍ୟ କେତେକ ସ୍ଥାନରେ ଏଥିରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆମେ ସଫଳତା ପାଇଛୁ ଏବଂ ଏହି କୋଭିଡ ମହାମାରୀ କ୍ଷେତ୍ରରେ ମଧ୍ୟ ଏହା ହିଁ ଉପଯୁକ୍ତ ପନ୍ଥା । ତେଣୁ ସହରାଂଚଳରେ ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ଅନୁଷ୍ଠାନ ଓ ଗ୍ରାମାଂଚଳରେ ପଂଚାୟତ ପ୍ରତିନିଧି ମାନଙ୍କ ସକ୍ରିୟ ସହଯୋଗରେ ଲୋକଙ୍କ ସହାୟତା କରଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମହାମାରୀକୁ ନିୟନ୍ତ୍ରଣ କରିବାକୁ ଟୀକାକରଣ ହେଉଛି ଆମର ମୁଖ୍ୟ ରଣନୀତି । ପରିସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ସମସ୍ତଙ୍କୁ ସତର୍କ ହେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ମାସ୍କ ବ୍ୟବହାର, ହାତ ଧୁଆ ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ଅନାବଶ୍ୟକ ଭାବେ ବାହାରେ ନ ବୁଲି ଘରେ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।ବୈଠକରେ ଆଲୋଚନା ସମୟରେ ତୃତୀୟ ଲହରୀର ସମ୍ଭାବନା ସଂପର୍କରେ ତଥ୍ୟ ସଂଗ୍ରହ ସହିତ ସମ୍ଭାବ୍ୟ ମୁକାବିଲା ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ପୁରୀରେ ରଥଯାତ୍ରା ପୂର୍ବରୁ ସମସ୍ତ ସେବାୟତ ଓ ସେମାନଙ୍କ ପରିବାରବର୍ଗଙ୍କ ସଂପୂର୍ଣ୍ଣ ଟୀକାକରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ ଯେ କୋଭିଡ ଅବଜରଭର ମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି । ଅକ୍‌ସିଜେନ ବ୍ୟବସ୍ଥାର ୨୪ ଘଂଟିଆ ତଦାରଖ କରାଯାଉଛି । କୋଭିଡ କେୟାର କେନ୍ଦ୍ର ଗୁଡିକରେ ଅଧିକ ଆଇସିୟୁ ଓ ଭେଂଟିଲେଟର ଶଯ୍ୟାର ବ୍ୟବସ୍ଥା କରାଯାଇଛି ଏବଂ ଆହୁରି ଅଧିକ ଶଯ୍ୟା ପାଇଁ ପଦକ୍ଷେପ ଜାରି ରହିଛି ।

ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ ପି.କେ. ମହାପାତ୍ର କୋଭିଡ ପରିସ୍ଥିତି ଉପରେ ଏକ ଉପସ୍ଥାପନା ରଖି କହିଥିଲେ ଯେ ସାରା ବିଶ୍ୱରେ ବର୍ତମାନ ଭାରତର କୋଭିଡ ସଂକ୍ରମଣ ସଂଖ୍ୟା ୫୪ ପ୍ରତିଶତ ରହିଛି । ଓଡିଶାରେ ବର୍ତମାନର ସ୍ଥିତି ସଂପର୍କରେ ଆଲୋକପାତ କରି ସେ କହିଥିଲେ ଯେ ଓଡିଶାର କୋଭିଡ ସଂଖ୍ୟା ବର୍ତମାନ ଦେଶର କୋଭିଡ ସଂଖ୍ୟାର ୨.୭ ପ୍ରତିଶତ ରହିଛି । ସର୍ବଭାରତୀୟ ସ୍ତରରେ ମୃତ୍ୟୁ ହାର ୧.୦୯ ଓ ଓଡିଶାରେ ଏହା ୦.୪୦ ରହିଛି। ଖୋର୍ଦ୍ଧା ଓ କଟକ ଜିଲ୍ଲା ବ୍ୟତୀତ ଛତିଶଗଡ ସୀମାରେ ଜିଲ୍ଲା ଗୁଡିକରେ ଅଧିକ ପଜିଟିଭ କେସ୍ ରହୁଛି। ଓଡିଶାର ବର୍ତମାନ ଟେଷ୍ଟ ପଜିଟିଭିଟି ଗତ ୧୫ ଦିନ ଧରି ୨୦.୨ ରହିଛି । ରାଜ୍ୟରେ ବର୍ତମାନ ଦୈନିକ ୫୨.୯ ମେଟ୍ରିକ ଟନ୍ ଅକ୍‌ସିଜେନ ଖର୍ଚ୍ଚ ହେଉଛି।

ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ କୋଭିଡ ନିୟମାବଳୀର ଅନୁପାଳନ ଦିଗରେ ପୋଲିସର ପଦକ୍ଷେପ ସଂପର୍କରେ ସୂଚନା ଦେବା ସହିତ କହିଥିଲେ ଯେ କୋଭିଡ ନିୟମାବଳୀର ଉଲଘଂନ ପାଇଁ ବର୍ତମାନ ସୁଦ୍ଧା ୨୮ କୋଟି ୯୧ ଲକ୍ଷ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ବିଭିନ୍ନ କୋଭିଡ ଚିକିତ୍ସାଳୟରେ ଅଗ୍ନି ନିୟନ୍ତ୍ରଣ ସଂପର୍କରେ ନିଆଯାଉଥିବା ପଦକ୍ଷେପ ଉପରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୂଚନା ଦେଇଥିଲେ । ବୈଠକରେ ସମ୍ବଲପୁର, ବରଗଡ, ପୁରୀ, କଟକ ଓ ଭୁବନେଶ୍ୱର ମହାନଗର ନିଗମରେ କୋଭିଡ ପରିଚାଳନା ସଂପର୍କରେ ଜିଲ୍ଲାପାଳ ଓ କମିଶନର ମାନେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ବୈଠକକୁ ସଂଯୋଜନା କରିଥିଲେ ।

# ଆଗକୁ ସ୍ଥିତି କଣ ହେବ, ଆକଳନ କରିହେଉନାହିଁ

ଭୁବନେଶ୍ୱର: କୋଭିଡ଼ ପଜିଟିଭ ହେଲେ ତରବର ହୋଇ ହସ୍ପିଟାଲ ଆସନ୍ତୁ ନାହିଁ। ହୋମ୍ ଆଇସୋଲେସନରେ ରହନ୍ତୁ, ଯାହାକୁ ଜରୁରୀ ସେ ହସ୍ପିଟାଲ ଆସନ୍ତୁ। ପଜିଟିଭ୍ ଚିହ୍ନଟ ହେଲେ ଘରେ ରହନ୍ତୁ। ଘରେ ରହି ପ୍ରଶାସନ ସହ ଯୋଗାଯୋଗ କରି ଚିକିତ୍ସିତ ହୁଅନ୍ତୁ। ଯଦି ଅବସ୍ଥା ଗୁରୁତର ହେଲା ଆମ୍ବୁଲାନ୍ସ ଯାଇ ଆଣିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଏହାସହ ଜଣେ ଗୁରୁତର ରୋଗୀକୁ ହସ୍ପିଟାଲରେ ଚିକିତ୍ସା ସୁବିଧା ଦିଅନ୍ତୁ ବୋଲି ସମସ୍ତଙ୍କୁ ଅପିଲ୍ କରିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟରେ ଏବେ ୩୩% ସାଧାରଣ ବେଡ୍, ୬୯% ଆଇସିୟୁ , ୩୫% ଭେଂଟିଲେଟର ବ୍ୟବହୃତ ହେଉଛି। ରାଜ୍ୟରେ ଅକ୍ସିଜେନର କୌଣସି ଅଭାବ ହେବ ନାହିଁ । ୪୩ ହଜାର ରେମଡେସିଭିର ଷ୍ଟକ ଅଛି। କୋଭିଡ୍ ନିୟମ ମାନିଲେ ହିଁ କରୋନାକୁ ଆମେ ରୋକିପାରିବା।କୋଭିଡ଼ ନିୟମ ମାନନ୍ତୁ, ମାସ୍କ ପିନ୍ଧନ୍ତୁ, ଗହଳି କରନ୍ତୁନି କି ଗହଳି ସ୍ଥାନକୁ ଯାଆନ୍ତୁ ନାହିଁ ବୋଲି ସେ ପରାମର୍ଶ ଦେଇଛନ୍ତି।

କରୋନା ସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ଦ୍ୱିତୀୟ ଲହରୀ ଏତେ ଭୟାନକ ହେବ ବୋଲି କେହି ଭାବିନଥିଲେ। ଦେଶରେ ୮ ଦିନ ହେଲା ୩.୫ ଲକ୍ଷରୁ ଅଧିକ କେସ୍ ଆସୁଛି। ଏବେ ଦେଶର ୮୦ ପ୍ରତିଶତ କେସ୍ ୮/୯ଟି ରାଜ୍ୟରୁ ଆସୁଛି। ଆଉ ସଂକ୍ରମଣରେ ଜାତୀୟ ହାରରେ ଓଡ଼ିଶାର ଭାଗ ପ୍ରାୟ ୧.୮% ରହିଛି । ଏହାସହ ଆଜି ସଂକ୍ରମଣରେ ସର୍ବକାଳୀନ ରେକର୍ଡ ୮୬୮୧ ରହିଛି। ଏହାସହ ଆମେ ରାଜ୍ୟରେ ଟେଷ୍ଟିଂ ବଢ଼ାଇଛୁ, ୨୫ ହଜାର ଆରଟିପିସିଆର ଲକ୍ଷ୍ୟ ରଖାଯାଇଛି। ପଶ୍ଚିମବଙ୍ଗ, ଛତିଶଗଡ଼ ସୀମା ସିଲ୍ କରି ସଂକ୍ରମଣ ନିୟନ୍ତ୍ରଣ ଚେଷ୍ଟା କରାଯାଉଛି। ଦେଶର ସ୍ଥିତି କେଉଁ ଆଡ଼କୁ ଯିବ, କେହି ଆକଳନ କରିପାରୁନାହାନ୍ତି। ତେଣୁ ଯେତେ ପଦକ୍ଷେପ ନେଲେ ବି କୋଭିଡ ଲହର ଏପର୍ଯ୍ୟନ୍ତ କମିନାହିଁ। ହସ୍ପିଟାଲ ବ୍ୟବସ୍ଥା ଅନୁଯାୟୀ ଏବେ ଠିକ ଅବସ୍ଥାରେ ଅଛୁ । ଏହାସହ ଆଗକୁ ସ୍ଥିତି କଣ ହେବ, କିଛି ଆକଳନ କରିହେଉନାହିଁ ବୋଲି କହିଛନ୍ତି ପ୍ରଦୀପ୍ତ ମହାପାତ୍ର।

ଅପରପକ୍ଷରେ ରାଜ୍ୟରେ ପ୍ରାୟ ୧.୯୩ କୋଟି ୧୮ରୁ ୪୪ ବର୍ଷର ଲୋକ ଅଛନ୍ତି। ସମସ୍ତଙ୍କୁ ମାଗଣାରେ ଟିକା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଟିକା ପାଇଁ ଦୁଇ କଂପାନୀକୁ ରାଜ୍ୟ ସରକାର ଅର୍ଡର କରିଛନ୍ତି। କେବେ ଆମ ପାଖରେ ଟିକା ପହଂଚିବ, କିଛି ସ୍ପଷ୍ଟ ସୂଚନା ମିଳିନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି।

କରୋନା ଟିକା ପହଂଚିଲେ ୧୮-୪୪ ବର୍ଗଙ୍କୁ ଟିକାକରଣ ଆରମ୍ଭ କରାଯିବ। ଟିକା କିଣା ବାବଦରେ ଗତକାଲି ଔଷଧ ନିଗମକୁ ୭୦୦ କୋଟି ଦେଇଛୁ। ସମସ୍ତେ ଟିକା ପାଇଁ ପଂଜୀକରଣ କରନ୍ତୁ, ଟିକା ଆସିଲେ ଦିଆଯିବ। ପ୍ରଥମ ଡୋଜ୍ ନେଇଥିବା ବ୍ୟକ୍ତିଙ୍କୁ ୨ୟ ଡୋଜ ପାଇଁ ଅଗ୍ରାଧିକାର ମିଳିବ ବୋଲି ସେ କହିଛନ୍ତି।




# ରକ୍ଷଣାବେକ୍ଷଣ ଅଭାବରୁ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ନଷ୍ଟ ପଥରେ

କେନ୍ଦୁଝର: କେନ୍ଦୁଝରଗଡ ପୌରା□ଳର ରା୍ତା ପ୍ରଶସ୍ତିକରଣ ପରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି। ୨୦୧୭ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଡ ଏନ ତିରୁମାଲ୍ଲା ନାୟକଙ୍କ ପ୍ରଚେଷ୍ଟାରେ ସିରାଜୁଦ୍ଦିନ ଖଣି କମ୍ପାନୀ ସହାୟତାରେ ଗାନ୍ଧୀ ଛକଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟ‘ ରାସ୍ତାରେ ମଝିରେ ଥିବା ଡିଭାଇଡର ମଝିରେ ତାର ଜାଲି ମଧ୍ୟରେ ୧୭୦ ଟି ମୂଲ୍ୟବାନ ରୟାଲ ପାମ ଗଛ ଲଗାଯିବା ସହ ମିନି ଟଗର,କାମିନୀ,ଏକଜରା ଗଛ ଲଗାଯାଇଥିଲା। କମ୍ପାନୀର ସିଏସ୍‌ଆର ରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ୨୦୧୭ ଆରମ୍ଭ ହୋଇଥିବା ବୃକ୍ଷରୋପଣ ୨୦୧୮ ମସିହାରେ ଶେଷ ହୋଇଥିଲା। ବୃକ୍ଷରୋପଣ ପରେ ଖଣି କମ୍ପାନୀ ପକ୍ଷରୁ ଟ୍ୟାଙ୍କର ସହାୟତାରେ ୨ ବର୍ଷ ଧରି ପାଣି ଦିଆଯାଇଥିଲା। ପରେ ପୌରପାଳିକା ପକ୍ଷରୁ ପାଣି ଦିଆଯାଉଥିଲା। ଚଳତ ବର୍ଷ ଖରା ଦିନରେ ନିୟମିତ ପାଣି ଦିଆନଯିବା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ବହୁ ମୂଲ୍ୟବାନ ରୟାଲ ପାମ ଗଛ ଶୁଖି ନଷ୍ଟ ହୋଇ ରାସ୍ତା ଆଡକୁ ଢଳିଗଲାଣି। ଗଛ ଗୁଡିକ ଭାଙ୍ଗି ରାସ୍ତାର ଉଭୟ ପାର୍ଶ୍ୱରେ ଢଳି ରହିଥିଲେ ହେଁ ପୌର ପ୍ରଶାସନର ନଜର ନପଡିବା ଦୂର୍ଭାଗ୍ୟଜନକ। ସହରର ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ତବାନ ରୟାଲ ପାମ ଗଛ ଗୋଟିଏ ପରେ ଗୋଟିଏ ନଷ୍ଟ ହେଉଥିବାବେଳେ ପୌରାପଳିକା ପକ୍ଷରୁ ନିୟମିତ ପାଣି ଦିଆଯିବା, ଗଛ ମୂଳକୁ ସଫା କରିବା ଆଦି କାର୍ଯ୍ୟ କରା ନଗଲେ ଆଗାମି ଦିନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ହୋଇଥିବା ଯୋଜନା ପାଣିରେ ପଡିବ।

# ଏସ୍.ସି.ବି. ମେଡ଼ିକାଲ କଲେଜ ଓ ରାଜଧାନୀ ହସ୍ପିଟାଲରେ ଅମ୍ଳଜାନ ପ୍ଲାଂଟ ପାଇଁ ଦାବୀ

ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ସରକାର ସମସ୍ତ ଓଡ଼ିଶାବାସୀଙ୍କୁ ମାଗଣାରେ କରୋନା ଭ୍ୟାକ୍‌ସିନ୍ ଦେବା ଓ ଭ୍ୟାକ୍‌ସିନ୍ କିଣିବା ପାଇଁ ବିଶ୍ୱ ସ୍ତରୀୟ ଟେଣ୍ଡର କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହିପରି ରାଜଧାନୀ କ୍ୟାପିଟାଲ ଡାକ୍ତରଖାନାର ଆଧୁନିକରଣ ଏବଂ କଟକ ଏସ୍.ସି.ବି ମେଡ଼ିକାଲ କଲେଜର ପ୍ରସାରଣ ଓ ଆଧୁନିକରଣ ପ୍ରସ୍ତାବ କରିଥିବାବେଳେ ଏସ୍.ସି.ବି ମେଡ଼ିକାଲ କଲେଜ ଓ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନା ଅକ୍ସିଜେନ ପ୍ଲାଂଟ ନଥିବା ଏବଂ ଏହି ଅକ୍ସିଜେନ ପ୍ଲାଂଟ ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନ ନେବା ଆଦୌ ଗ୍ରହଣୀୟ ନୁହେଁ। ବିଶେଷ ଭାବରେ କରୋନା ସଂକ୍ରମଣ ପରିସ୍ଥିତିରେ ରାଜ୍ୟର ୨ ଟି ପ୍ରମୁଖ ସହରରେ ସରକାରୀ ଡାକ୍ତରଖାନାରେ ଅକ୍ସିଜେନ ପ୍ଲାଂଟ ନଥିବାରୁ ଅକ୍ସିଜେନ ସିଲିଣ୍ଡର ବ୍ୟବହାର କରିବା ପାଇଁ ବାଧ୍ୟ ହେଉଛନ୍ତି। କଟକ ଓ ଭୁବନେଶ୍ୱରରେ ଥିବା ସମସ୍ତ ବଡ଼ ବେସରକାରୀ ଡାକ୍ତରଖାନାରେ ଓ ନୂଆ ଆରମ୍ଭ ହେଉଥିବା ଜିଲ୍ଲା ସ୍ତରୀୟ ମେଡ଼ିକାଲ କଲେଜରେ ଏହି ଅକ୍ସିଜେନ ପ୍ଲାଂଟ ନିର୍ମାଣ କରାଯାଉଥିବାବେଳେ କଟକ ଏସ୍.ସି.ବି. ମେଡ଼ିକାଲ କଲେଜ ଓ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନା ଅକ୍ସିଜେନ ପ୍ଲାଂଟ ନଥିବାରୁ ବହୁ ସମୟରେ ରୋଗୀମାନେ ଘରୋଇ ଡାକ୍ତରଖାନାକୁ ଯିବା ପାଇଁ ବାଧ ହେଉଛନ୍ତି। ଏଣୁ କଟକ ଏସ୍.ସି.ବି ମେଡ଼ିକାଲ କଲେଜ ଓ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନାରେ ତୁରନ୍ତ ଅକ୍ସିଜେନ ପ୍ଲାଂଟ ନିର୍ମାଣ କରିବା ପାଇଁ ଦାବୀ କରି ପୂର୍ବତନ ସାଂସଦ, ବରିଷ୍ଠ କଂଗ୍ରେସ ନେତା, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ଓଡ଼ିଶା ରାଜ୍ୟ ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

# ୧୬ ଜିଲ୍ଲାରେ ଖୋଲିବ ଆରଟିପିସିଆର ଟେଷ୍ଟିଂ ସେଂଟର

## – ୨୦ କୋଟି ଟଙ୍କା ମଂଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: କରୋନାର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟରେ ଦୈନିକ ଟେଷ୍ଟିଂ ବଢାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଏଥିପାଇଁ ରାଜ୍ୟର ୧୬ ଜିଲ୍ଲାର ଜିଲ୍ଲାମୁଖ୍ୟାଳୟରେ ଆରଟିପିସିଆର ଟେଷ୍ଟିଂ ଲାବ୍ରୋଟୋରୀ ଖୋଲିବାକୁ ସରକାର ଯୋଜନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ କୋଡ଼ିଏ କୋଟି ଟଙ୍କା ମଞ୍ଜୁର କରିଛନ୍ତି ।

ଏହି ଜିଲ୍ଲାଗୁଡିକ ମଧ୍ୟରେ ରହିଛି ଭଦ୍ରକ, ବୌଦ୍ଧ , ବରଗଡ,ଢେଙ୍କାନାଳ , ଗଜପତି, ଜଗତସିଂହପୁର, ଯାଜପୁର, କନ୍ଧମାଳ , କେନ୍ଦ୍ରାପଡା, ଖୋର୍ଦ୍ଧା, ମାଲକାନଗିରି, ନବରଙ୍ଗପୁର , ନୂଆପଡା , ସୁବର୍ଣ୍ଣପୁର.ରାୟଗଡାଓ ସୁନ୍ଦରଗଡ। ରାୟଗଡା ଜିଲ୍ଲାରେ ଏହି ଲାବ୍ରୋଟୋରୀ ପାଇଁ ଓଏସଏମସିଏଲ୍ ମେସିନ୍ ଅର୍ଡର କରିସାରିଥିବା ବେଳେ ଅନ୍ୟାନ୍ୟ ଯନ୍ତାଂଶ ଯୋଡାଯିବ।ଏସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ସ୍ଥାନରେ ଆରଟିପିସିଆର ଲାବ୍ରୋଟୋରୀ ସହ ବାୟୋସେଫ୍ଟି କ୍ୟାବିନେଟ୍ ବ୍ୟବସ୍ଥା କରିବାପାଇଁ ପ୍ରାୟ ୧୨୦ ଲକ୍ଷ ବ୍ୟୟ କରାଯିବ। ପ୍ରତ୍ୟେକ ଲାବ୍ରୋଟାରୀ ରେ ଜଣେ ମାଇକ୍ରୋବାୟେଲୋଜିଷ୍ଟ ଓ ୩ ଜଣ ଲାବ୍ରୋଟୋରୀ ଟେକ୍ନିସିଆନ୍ ଙ୍କୁ ଆଉଟ୍ ସୋର୍ସିଂ ଜରିଆରେ ନିଯୁକ୍ତି ଦିଆଯିବ।ଏହି ଟେଷ୍ଟିଂ ସେଂଟର ଗୁଡିକ ସବୁଦିନ ଲୋକଙ୍କୁ ସେବା ଯୋଗାଇ ଦେବ।

# ପ୍ରଫେସର ପତିତପାବନ ବାନାର୍ଜୀ : ଏକ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର: ରେଭେନ୍‌ସା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗର ପୂର୍ବତନ ଭିଜିଟିଂ ପ୍ରଫେସର ଡକ୍ଟର ପତିତପାବନ ବାନାର୍ଜୀ ଆଉ ନାହାଁନ୍ତି। ଗତ ୨୭ ତାରିଖ ପ୍ରତ୍ୟୁଷରେ କଟକ ସହରର ସାର୍ତ୍ତୋଳସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ଓଡ଼ିଶାର ଶିକ୍ଷା ଓ ସାହିତ୍ୟ କ୍ଷେତ୍ରକୁ ପ୍ରଫେସର ବାନାର୍ଜୀଙ୍କ ଅବଦାନର ତୁଳନା ନାହିଁ।

ସେ ପ୍ରଫେସର ବାଚସ୍ପତି ଶର୍ମା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ’ଇଭୋଲ୍ୟୁସନ ଅଫ୍ ସାନ୍‌ସ୍କ୍ରିଟ୍ ଲିରିକ ପୋଏଟ୍ରି ଅଫ୍ ଓଡ଼ିଶା’ ଶୀର୍ଷକ ନିବନ୍ଧ ଲେଖି କେ.ଏସ୍. ଦରଭଙ୍ଗା ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ୧୯୯୦ ମସିହାରେ ଡି.ଲିଟ୍. ଡିଗ୍ରୀ ହାସଲ କରିଥିଲେ। ତା’ ପୂର୍ବରୁ ୧୯୮୨ ମସିହାରେ ପ୍ରଫେସର କୁଳମଣି ମିଶ୍ରଙ୍କ ତତ୍ତ୍ୱାବଧାନରେ ’କ୍ରିଟିକାଲ ଏଡିସନ୍ ଅଫ୍ ବ୍ରଜଯୁବବିଳାସ ମହାକାବ୍ୟମ୍’ ଶୀର୍ଷକ ସନ୍ଦର୍ଭ ଲେଖି ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରୁ ପିଏଚ୍.ଡି. ଉପାଧି ପ୍ରାପ୍ତ ହୋଇଥିଲେ। ବାଙ୍କି ଅଞ୍ଚଳର ମହାନ ସଂସ୍କୃତଜ୍ଞ କବିଚନ୍ଦ୍ର କମଳଲୋଚନ ଖଡ଼ଗରାୟଙ୍କ ରଚିତ ଉକ୍ତ ମହାକାବ୍ୟକୁ ଲୋକଲୋଚନକୁ ଆଣି ପ୍ରଫେସର ବାନାର୍ଜୀ ଏକ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ତାଙ୍କ ପ୍ରଣୀତ ଏଇ ଉଭୟ ଥେସିସ୍ ଜାତୀୟସ୍ତରର ପ୍ରକାଶନ ସଂସ୍ଥାଦ୍ୱାରା ପ୍ରକାଶିତ ହୋଇ ବିଦ୍ୱାନମାନଙ୍କଦ୍ୱାରା ଆଦୃତି ଲାଭ କରିଛି। ଭାରତର ସମସ୍ତ ପ୍ରମୁଖ ବିଶ୍ୱବିଦ୍ୟାଳୟର ପାଠାଗାରରେ ଉଲ୍ଲିଖିତ ଗ୍ରନ୍ଥଦ୍ୱୟ ସ୍ଥାନ ପାଇ ଓଡ଼ିଶାର ଗୌରବକୁ ବଢ଼ାଇଅଛି। ପ୍ରଫେସର ବାନାର୍ଜୀଙ୍କ ଅଧୀନରେ ଗବେଷଣା କରି ତିନିଜଣ ଅଧ୍ୟାପକ ’ଡକ୍ଟରେଟ’ ହାସଲ କରିଛନ୍ତି।

ପ୍ରଫେସର ବାନାର୍ଜୀଙ୍କ ଲେଖନୀ ଚାଳନାଦ୍ୱାରା ଓଡ଼ିଶାର ବାଣୀଭଣ୍ଡାର ସମୃଦ୍ଧ ହୋଇଛି। ସେ ’ଅନେକ ସ୍ୱରର ବଂଶୀ’, ’ଭକ୍ତି ତରଙ୍ଗିଣୀ’, ’ରୂପା‘ର’, ’ମହାଦୀପ’, ’ମଙ୍ଗଳମୟୀ’ ପ୍ରଭୃତି ସାତଟି ପୁସ୍ତକ ରଚନା କରିଛନ୍ତି। ମାତ୍ର ଏ ପର୍ଯ୍ୟ‘ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନର ଯଥାର୍ଥ ମୂଲ୍ୟାୟନ ହୋଇନାହିଁ।

୧୯୫୨ ମସିହାରେ ପ୍ରଫେସର ବାନାର୍ଜୀ କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଏବର ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ଶ୍ରୀ ସଦାଶିବ କ୍ୟାମ୍ପସ୍, ପୁରୀରୁ ୧୯୭୫ ମସିହାରେ କୃତିତ୍ୱର ସହ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଅଧ୍ୟାପନାକୁ ବୃତ୍ତି ରୂପେ ବାଛିନେଇ ସେ ଢେଙ୍କାନାଳ କଲେଜ, ଢେଙ୍କାନାଳ, ସରକାରୀ କଲେଜ, ସୁନ୍ଦରଗଡ଼, ଢେଙ୍କାନାଳ ମହିଳା ମହାବିଦ୍ୟାଳୟ, ଢେଙ୍କାନାଳ ଓ ଏନ୍.ସି. ସ୍ୱୟଂଶାସିତ କଲେଜ, ଯାଜପୁରରେ କାର୍ଯ୍ୟ କରିଥିଲେ। ଶେଷୋକ୍ତ କଲେଜର ଅଧ୍ୟକ୍ଷ ଦାୟିତ୍ୱ ୨୦୦୯ ଡିସେମ୍ବର ୮ରୁ ୨୦୧୦ ଅଗଷ୍ଟ ୩୧ ପର୍ଯ୍ୟନ୍ତ ସୁଚାରୁରୂପେ ସମ୍ପନ୍ନ କରି ସେ ଚାକିରିରୁ ଅବସର ନେଇଥିଲେ।

ତା’ପରେ ସେ ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ରୂପେ ଯୋଗଦେଇଥିଲେ। ଉଚ୍ଚକୋଟିର ଅଧ୍ୟାପନା ଯୋଗୁଁ ପ୍ରଫେସର ବାନାର୍ଜୀ ଛାତ୍ରମାନଙ୍କଦ୍ୱାରା ବିଶେଷ ଭାବେ ଆଦୃତ ହୋଇଥିଲେ। ଭଦ୍ର ଓ ମାର୍ଜିତ ବ୍ୟବହାର ତାଙ୍କୁ ସହକର୍ମୀମାନଙ୍କର ପ୍ରିୟପାତ୍ର କରିଥିଲା। ‘ସେ ଥିଲେ ଅଜାତଶତ୍ରୁ’, କୁହନ୍ତି ତାଙ୍କର ସହପାଠୀ ପ୍ରଫେସର ସୁଲୋକ ସୁନ୍ଦର ମହାନ୍ତି।

ପ୍ରଫେସର ବାନାର୍ଜୀ ଖାଲି ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣାରେ ନିୟୋଜିତ ନଥିଲେ, କ୍ରୀଡ଼ା ଓ ସଙ୍ଗୀତ ପ୍ରତି ମଧ୍ୟ ତାଙ୍କର ଅଭିରୁଚି ରହିଥିଲା। ତାଙ୍କ ବିୟୋଗ ଖବର ପାଇ ଓଡ଼ିଶାର ସମଗ୍ର ଉଚ୍ଚଶିକ୍ଷା କ୍ଷେତ୍ର ସ୍ତବ୍ଧ ହୋଇଗଲା; ଶୋକବାର୍ତ୍ତାର ସୁଅ ଛୁଟିଲା। ଯେକୌଣସି ମାନଦଣ୍ଡଦ୍ୱାରା ପରଖିଲେ ବି ପ୍ରଫେସର ବାନାର୍ଜୀ ଜଣେ ଆଦର୍ଶ ବ୍ୟକ୍ତି ଥିଲେ, ଏଥିରେ ସନ୍ଦେହ ନାହିଁ। ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ପୂର୍ବତନ ସାଧାରଣ ସମ୍ପାଦକ
ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘ
drnarayanmohanty@gmail.com

# ମୟୂରଭଞ୍ଜ ଜିଲ୍ଲାରୁ ନୂଆ ୧୯୯ କରୋନା ପଜିଟିଭ ଚିହ୍ନଟ

ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ କୋଭିଡ଼-୧୯ର ଦ୍ୱିତୀୟ ଲହର ଜିଲ୍ଲାରେ ଉପର ମୁହାଁ ହେବାରେ ଲାଗିଛି । ଆଜି ଓଡ଼ିଶାରୁ ଚିହ୍ନଟ ହୋଇଥିବା ୮,୦୧୫ କରୋନା ପଜିଟିଭ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୧୯୯ ଜଣ କୋଭିଡ଼-୧୯ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ଏବଂ ଜିଲ୍ଲାରେ ଆକ୍ରାନ୍ତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୭,୪୮୫ରେ ପହଂଚିଛି । ସେହିପରି ମଇ ୧ ପର୍ଯ୍ୟନ୍ତ ଜିଲ୍ଲାରୁ ୧୫,୫୨୮ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୧,୮୬୪ ଜଣ ସକ୍ରିୟ ଥାଇ ହୋମ ଆଇସୋଲେସନ, କୋଭିଡ଼ କେୟାର ସେଂଟର, କୋଭିଡ଼ ହସପିଟାଲ, ଟିଏମସି ସେଂଟର, ବାରିପଦା ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼ ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସିତ ହେଉଛନ୍ତି ଏବଂ ଅଦ୍ୟାବଧି କୋଭିଡ଼-୧୯ ଭୂତାଣୁରେ ଆକ୍ରାନ୍ତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ମୋଟ୍ ୯୩ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି ।

ପ୍ରକାଶ ଥାଉକି, ଗତ ୨୦୨୦ ସେପ୍ଟେମ୍ବର ମାସରେ ଜିଲ୍ଲାରୁ ସର୍ବାଧିକ ୪,୬୧୫ ଜଣ ପଜିଟିଭ ଓ ଅକ୍ଟୋବର ମାସରେ ଦ୍ୱିତୀୟ ସର୍ବାଧିକ ଭାବେ ୩,୨୭୫ ପଜିଟିଭ ଚିହ୍ନଟ ହେବା ପରେ ୨୦୨୧ ଏପ୍ରିଲ ମାସରେ ତୃତୀୟ ସର୍ବାଧିକ ଭାବେ ୨୬୧୧ ପଜିଟିଭ ଚିହ୍ନଟ ହୋଇଛନ୍ତି ।

# ଭୁବନେଶ୍ୱରରେ ୨୪ ଘଂଟାରେ ୧୦୮୪ ପଜିଟିଭ୍

ଭୁବନେଶ୍ୱର: ରାଜଧାନୀ ଭୁବନେଶ୍ୱରରେ କରୋନାର ହଜାରେ ଟ୍ରେଣ୍ଡ ଜାରି ରହିଛି। ରବିବାର ଦିନ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଆଉ ୧୦୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୩୬୧୪ କୁ ବୃଦ୍ଧି ପାଇଛି। ଆଜି ୨୧୩ ଜଣ କ୍ୱାରେଂଟାଇନ୍ ମାମଲା ରହିଥିବା ବେଳେ ୮୭୧ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୯୦୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି।

ଆଜି ଚିହ୍ନଟ ହୋଇଥିବା ୮୭୧ ଲୋକାଲ୍ କେସ ଭିତରୁ ସର୍ବାଧିକ ନୟାପଲ୍ଲୀରୁ ୫୩ ଜଣ , ପଟିଆରୁ ୫୨ ଜଣ ରହିଥିବା ବେଳେ ଖଣ୍ଡଗିରିରୁ ୪୪ ଜଣ, ଓଲ୍ଡଟାଉନ୍ ରୁ ୪୧ ଜଣ ,ରସୁଲଗଡରୁ ୪୦, ଡୁମଡୁମାରୁ ୩୩ , ବରମୁଣ୍ଡାରୁ ୩୨ , ଝାରପଡାରୁ ୩୧ ଜଣ ଆକ୍ରାନ୍ତ ରହିଛନ୍ତି।

ସେହିପରି ଓଲ୍ଡ ଟାଉନ୍ ଓ ନୟାପଲ୍ଲୀରୁ ୧୬ ଲେଖାଏଁ ,ଶୈଳଶ୍ରୀବିହାରରୁ ୧୩, ବଡଗଡରୁ ୧୦, ଖଣ୍ଡଗିରିରୁ ୯ ଜଣ ଲେଖାଏଁ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨୫୩୦ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୪୨୧୫୫ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୦୦୭୫ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୭୯ ରହିଛି।

## ବାତିଲ ରହିବ ପୁରୀ-ପାରାଦୀପ, ଭୁବନେଶ୍ୱର-ନୟାଗଡ଼ ଟାଉନ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର: ଯାତ୍ରୀ ଉପଲବ୍ଧ ନହେବାରୁ ପୁରୀ-ପାରାଦୀପ ଏବଂ ଭୁବନେଶ୍ୱର-ନୟାଗଡ଼ ଟାଉନ ବିଶେଷ ଟ୍ରେନ ବାତିଲ ରଖିବାକୁ ନିଷ୍ପତି ନେଇଛି ପୂର୍ବତଟ ରେଳବାଇ।

୦୮୪୨୩/୦୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ବିଶେଷ ଟ୍ରେନ ଭୁବନେଶ୍ୱରରୁ ୨୭ ଏପ୍ରିଲ୍ ଏବଂ ନୟାଗଡ଼ ଟାଉନ୍ ରୁ ୨୮ ଏପ୍ରିଲ ଠାରୁ ବାତିଲ କରାଯିବାକୁ ନିଷ୍ପତି ନିଆଯାଇଅଛି। ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ବିଶେଷ ଟ୍ରେନ ଦ୍ୱାରା ମାତ୍ର ୨ ଶତକଡାରୁ କମ ଯାତ୍ରୀ ଏହାର ଚଳାଚଳ ଠାରୁ ଉପଲବ୍ଧ ହୋଇଛନ୍ତି । ସେହିଭଳି, ୦୮୪୧୩/୦୮୪୧୪ ପାରାଦୀପ-ପୁରୀ-ପାରାଦୀପ ବିଶେଷ ଟ୍ରେନ ଉଭୟ ଦିଗରୁ ୨୭ ଏପ୍ରିଲ, ଠାରୁ ବାତିଲ କରାଯିବାକୁ ନିଷ୍ପତି ନିଆଯାଇଛି। ଏହି ଟ୍ରେନ ଦ୍ୱାରା ଏହାର ଚଳାଚଳ ଠାରୁ ମାତ୍ର ୧୦ ଶତକଡା ରୁ କମ ଯାତ୍ରୀ ଉପଲବ୍ଧ ହୋଇଛନ୍ତି।

## ଆନନ୍ଦପୁରରେ କୋଭିଡ୍ କେୟାର ସେ□ର ଖୋଲିଲା

ଆନନ୍ଦପୁର (ପିଏନ୍): ଆନନ୍ଦପୁର ମ୍ୟୁନିସିପାଲଟି କଲ୍ୟାଣମଣ୍ଡପରେ ୬୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେ□ରର ଶୁଭାରମ୍ଭ ହୋଇଛି । ଆନନ୍ଦପୁର ଉପଜିଲ୍ଲାପାଳ ସରୋଜ କୁମାର ଦ□ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ସେ□ରରେ ମୋଟ୍ ୬୦ଟି ଶଯ୍ୟା ଥିବାବେଳେ ୨୦ଟି ଅକ୍ସିଜେନ୍ ବେଡ୍ ରହିଛି । କରୋନା ଲକ୍ଷଣ ଥିବା ରୋଗୀମାନେ ଏଠାରେ ଚିକିତ୍ସିତ ହୋଇ ପାରିବେ । ଆନନ୍ଦପୁରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଆନନ୍ଦପୁର ଡାକ୍ତରଖାନା ଅଧିକ୍ଷକ ଡାକ୍ତର ଧନେଶ୍ୱର ସେଠୀ, ତହସିଲଦାର ତପନ କୁମାର ନାୟକ, ପୌରନିର୍ବାହୀ ଅଧିକାରୀ ବିପିନ ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

## କୋଭିଡ୍ ହସ୍ପିଟାଲ ଓ ଅକ୍ସିଜେନ୍ ପ୍ଲାଂଟ ପ୍ରତିଷ୍ଠା ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଜୁଏଲ ଓରାମଙ୍କ ଚିଠି

ଭୁବନେଶ୍ୱର: କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଙ୍କୁ ଚିଠି ଲେଖିଛନ୍ତି ସୁନ୍ଦରଗଡ ସାଂସଦ ଜୁଏଲ ଓରାମ। ଚିଠିରେ ସାଂସଦ ଶ୍ରୀ ଓରାମ୍ ସୁନ୍ଦରଗଡାରେ ଥିବା ଏନଟିପିସି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୦୦ ଶଯ୍ୟା ଆଇସିୟୁ ବ୍ୟବସ୍ଥା ସହ କୋଭିଡ୍ ହସ୍ପିଟାଲ ଓ ପିଏମ କେୟାର ଫଣ୍ଡରୁ ମେଡିକାଲ ଅକ୍ସିଜେନ୍ ପ୍ଲାଂଟ ପ୍ରତିଷ୍ଠା କରିବାକୁ ଦାବି ଜଣାଇଛନ୍ତି। ଏହାସହ ରାଉରକେଲାରେ ଥିବା ଆଇଜିଏଚ୍ ସୁପରସ୍ପେଶାଲିଟି ହସ୍ପିଟାଲରେ ୨୦୦ଆଇସିୟୁ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ବ୍ୟବସ୍ଥା କରିବାକୁ ଚିଠିରେ ଅନୁରୋଧ କରିଛନ୍ତି ଶ୍ରୀ ଓରାମ। ଡିଆରଡିଓ ବିଭିନ୍ନ ସ୍ଥାନରେ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା କରୁଛି ଏବଂ କିଛି ସ୍ଥାନରେ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଯାଉଛି। ଏପରିକି ଆଗାମୀ ୩ ମାସ ମଧ୍ୟରେ ଡିଆରଡିଓ ୫୦୦ଟି ସ୍ଥାନରେ ମେଡିକାଲ ଅକ୍ସିଜେନ୍ ପ୍ଲାଂଟ ପ୍ରତିଷ୍ଠା କରିବ। ତେଣୁ ତାଙ୍କ ଲୋକସଭା କ୍ଷେତ୍ର ସୁନ୍ଦରଗଡାରେ ମଧ୍ୟ କୋଭିଡ୍ ହସ୍ପିଟାଲ ଓ ମେଡିକାଲ ଅକ୍ସିଜେନ୍ ପ୍ଲାଂଟ ପ୍ରତିଷ୍ଠା କରିବାକୁ ଶ୍ରୀ ଓରାମ୍ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

# ଶ୍ୟାମଳ ସୁବର୍ଣ୍ଣର ତୃତୀୟ ସ୍ୱନକ୍ଷତ୍ର ବିଶେଷାଙ୍କ ପ୍ରକାଶିତ




ଭୁବନେଶ୍ୱର: ଓଡ଼ିଶାର କୃଷି ଭି□କ ପତ୍ରିକା ଭିତରେ ଶ୍ୟାମଳ ସୁବର୍ଣ୍ଣ ଏକ ଜଣାଶୁଣା ନାମ। କୃଷି ବିଜ୍ଞାନୀ ଛାତ୍ରଛାତ୍ରୀଙ୍କୁ ନେଇ ୨୦୧୮ରେ ଆରମ୍ଭ ହୋଇଥିଲା ଏ ପତ୍ରିକା। ଲକ୍ଷ୍ୟ ଥିଲା କୃଷିର ବିକାଶ , କୃଷକର ବିକାଶ। ଏହାରି ଭିତରେ ତିନି ବର୍ଷ ପୁରି ଚାରି ବର୍ଷରେ ପାଦ ଥାପିଛି ପତ୍ରିକା। ଏଇ ତିନି ବର୍ଷ ମଧ୍ୟରେ କେବଳ ପତ୍ରିକା ପ୍ରକାଶନରେ ସୀମିତ ନରହି କୃଷକ ମାନଙ୍କର ୍ବିକାଶ ପାଇଁ ଆରମ୍ଭ ହୋଇଥିଲା ଦିନିକିଆ କୃଷକ ସଚେତନତା ଓ ପ୍ରଶିକ୍ଷଣ ଶିବିର। ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ ଚାଷୀ ମାନଙ୍କ ସହ ଯୋଡ଼ିବାକୁ ଚେଷ୍ଟା କରିଥିଲୁ। ତେବେ ଚଳିତ ବର୍ଷ କୋଭିଡ଼ ମହାମାରୀକୁ ଦୃଷ୍ଟିରେ ରଖି ପତ୍ରିକା ତରଫରୁ ସ୍ୱନକ୍ଷତ୍ର ସମାରୋହକୁ ବନ୍ଦ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପତ୍ରିକାର ସ୍ୱନକ୍ଷତ୍ରୂ ବିଶେଷାଙ୍କ ପ୍ରକାଶିତ ହୋଇଯାଇଛି। ବଳିଷ୍ଠ କୃଷି ଭିତ୍ତିକ ଲେଖା ତ୍ା ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନକୁ ନେଇ ଏଥର ସଂଖ୍ୟା ପ୍ରକାଶିତ ହୋଇଅଛି। ତେବେ ଏଥର ପ୍ରି□ ହୋଇପାରୁନଥିବାରୁ ଅନଲାଇନରେ ପାଠକ ମାନଙ୍କ ପାଇଁ ଇ ମାଗାଜିନ ପ୍ରକାଶ ପାଇଥବ ବୋଲି ସମ୍ପାଦକ ଡ଼ି ଶୁଭମ୍ କହିଛନତି। ଆଗାମୀ ଦିନରେ ସ୍ଥିତିରେ ସୁଧାର ଆସିଲେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ସ୍ୱନକ୍ଷତ୍ର ଉତ୍ସବ ପାଳନ କରାଯିବ ବୋଲି ପତ୍ରିକା ତରଫରୁ କୁହାଯାଇଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କୋଭିଡ୍ ପରିଚାଳନା ନେଇ ସମିକ୍ଷା କଲେ ପୁଲିସ ଡିଜି ଅଭୟ

ରାଉରକେଲା: ପଶ୍ଚିମାଂଚଳରେ କୋଭିଡ୍ ସ୍ଥିତି ଧିରେ ଧିରେ ବିଗୁଡୁଥିବା ବେଳେ ଓଡିଶାର ଅନ୍ୟ ସ୍ଥାନରେ ସ୍ଥିତି ବିଗିଡ଼ି ଚାଲିଛି । ଏହାକୁ ଦେଖି ରାଜ୍ୟ ସରକାର ୧୪ ଦିନିଆ ଲକଡାଉନ ଘୋଷଣା କରିଥିବା ବେଳେ ରାଉରକେଲା ସମେତ ପଡୋଶୀ ପୁଲିସ ଜିଲ୍ଲାରେ କୋଭିଡ୍ ପରିଚାଳନା କେମିତି ଚାଲିଛି ତାହାର ସରଜମିନ ସମିକ୍ଷା କରିବା ଲାଗି ଆଜି ଓଡିଶା ପୁଲିସ ଡିଜି ଶ୍ରୀ ଅଭୟ ଆଜି ରାଉରକେଲାରେ ପହଁଚି ସମିକ୍ଷା କରିଛନ୍ତି । ଶ୍ରୀ ଅଭୟ ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଆଜି ରାଉରକେଲାରେ ପହଁଚି ରାଉରକେଲା ମିଡିଆକୁ ଭେଟିଥିଲେ । ସେ କହିଥିଲେ ରାଜ୍ୟ ସରକାର ଯେଉଁଭଳି ଏହି ସ୍ଥିତିକୁ ପରିଚାଳନା କରିବାକୁ କହିଥିଲେ ସେହି ଭଳି ସମସ୍ତ କାମ ପୁଲିସ ଚଳାଉଛି । ବିଶେଷ କରି ଅକ୍ସିଜେନ ଗାଡି ଗୁଡିକ କିଭଳି ତାର ଗନ୍ତବ୍ୟ ଯାଗାରେ ପହଁଚିବ ତାହାର ବ୍ୟବସ୍ଥା ପୁଲିସ ପକ୍ଷରୁ କରାଯାଉଛି । ମୁଖ୍ୟମନ୍ତ୍ରୀ କହିବା ଅନୁଶାରେ ଲୋକଙ୍କୁ ମାସ୍କ ପିନ୍ଧାରେ ଅଭ୍ୟାସ କରାଇ ସଚେତନ କରିବା ଓ ସାମଜିକ ଦୂରତା ଲାଗି ସଚେତନ କରାଇବା ଦିଗରେ ପୁଲିସ କାର୍ଯ୍ୟ କରୁଛି, ଲୋକେ ମଧ ଅନେକ ଜରିମାନା ଦେଉଛନ୍ତି । ପରେ ସେ ରାଉରକେଲା, ସୁନ୍ଦରଗଡ଼, ବଣାଇ ପୁଲିସ, ଝାରସୁଗୁଡ଼ା ଓ ସମ୍ବଲପୁରର ପୁଲିସ ଅଧିକାରୀ ମାନଙ୍କ ସହ କୋଭିଡ ପରିଚାଳନା କେମିତି ଚାଲିଛି ପଚାରି ବୁଝିଥିଲେ । ଏହି ସମୟରେ ବିଶେଷ କରି ସିମାନ୍ତ ଅଂଚଳରେ କୋଭିଡ ପରିଚାଳନା ନେଇ କିଭଳି କାମ ଚାଲିଛି ତାକୁ ମଧ ପଚାରି ବୁଝିଥିଲେ । ପରେ ପରେ ସେ ଚତୁର୍ଥ ବାଟାଲିଆନ ରାଉରକେଲା କ୍ୟାମ୍ପସକୁ ପରିଦର୍ଶନରେ ଯାଇଥିଲେ।

## ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର: ରାଜ୍ୟସଭା ସାଂସଦ ତଥା ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କର ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । କରୋନା ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନ ୩ଟା ୪୯ରେ ତାଙ୍କର ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ , ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ , ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ , ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ର କରୋନାରେ ଆକ୍ରାନ୍ତ ହେବା ପରେ ତାଙ୍କୁ କିଛି ଦିନ ପୂର୍ବରୁ ଏମ୍ସରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଂଟିଲେଟରରେ ରଖାଯାଇଥିଲା । ଏମ୍ସରେ ଭର୍ତି ହେବା ପରେ ୨ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱର୍ଗତ ମହାପାତ୍ରଙ୍କ ବଡ଼ ପୁଅଙ୍କ ସହିତ ଫୋନରେ କଥା ହୋଇ ତାଙ୍କର ସ୍ୱାସ୍ଥ୍ୟ ସଂପର୍କରେ ଅବଗତ ହୋଇଥିଲେ । ସୂଚନାଯୋଗ୍ୟ, ରଘୁନାଥ ମହାପାତ୍ର ପୁରୀରେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସେ ୧୯୭୫ ମସିହାରେ ପଦ୍ମଶ୍ରୀ, ୨୦୦୧ ମସିହାରେ ପଦ୍ମଭୂଷଣ ଓ ୨୦୧୩ ମସିହା ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମବିଭୂଷଣରେ ସମ୍ମାନିତ ହୋଇଥିଲେ ।

## ଗୋଟିଏ ଦିନରେ ୧୦୬୩୫ କରୋନା ଆକ୍ରାନ୍ତ ଚିହ୍ନଟ
## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୩୪୮୪୨

ଭୁବନେଶ୍ୱର: ରାଜ୍ୟରେ ଗୋଟିଏ ଦିନରେ ୧୦୬୩୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୩୪୮୪୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୪୩୯୩୨୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୩୨୮୭ ରହିଛି ।

ଆଜି ଚିହ୍ନଟ ହୋଇଥିବା ୧୦୬୩୫ ଜଣଙ୍କ ମଧ୍ୟରୁ ୬୦୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୬୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୫୬୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୦୧ ଜଣ, ବରଗଡ଼ରୁ ୪୪୩ ଜଣ, ଭଦ୍ରକରୁ ୧୦୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୭୯, କଟକରୁ ୮୮୭ ଜଣ, ଦେବଗଡ ଜିଲ୍ଲାରୁ ୧୩୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୪୬ ଜଣ, ଗଜପତି ଜିଲ୍ଲାରୁ ୧୦୧, ଗଞ୍ଜାମରୁ ୨୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୪୦ ଜଣ, ଯାଜପୁରରୁ ୨୯୦ ଜଣ, ଝାରସୁଗୁଡ଼ାରୁ ୪୫୬ ଜଣ, କଳାହାଣ୍ଡିରୁ ୪୬୯ ଜଣ, କନ୍ଧମାଳ ଜିଲ୍ଲାରୁ ୭୩ ଜଣ. କେନ୍ଦ୍ରାପଡ଼ାରୁ ୧୧୭ ଜଣ, କେନ୍ଦୁଝରରୁ ୧୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୫୬୪ ଜଣ, କୋରାପୁଟରୁ ୧୨୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୭୯ ଜଣ, ନବରଙ୍ଗପୁରରୁ ୩୩୬ ଜଣ, ନୟାଗଡ଼ରୁ ୨୫୩ ଜଣ, ନୂଆପଡ଼ାରୁ ୩୨୪ ଜଣ, ପୁରୀରୁ ୪୩୭ ଜଣ, ରାୟଗଡ଼ାରୁ ୧୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୬୪୧ ଜଣ, ସୋନପୁରରୁ ୧୪୯ ଜଣ, ସୁନ୍ଦରଗଡ଼ରୁ ୯୪୩ ଜଣ ଓ ଷ୍ଟେଟ୍ ପୁଲରୁ ୨୭୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ସରକାରୀ ଯୋଜନା ପ୍ରଦାନରେ ଟାଳଟୁଳ ନୀତି
## ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କଲେ: କଳାପଟି ମୁହଁରେ ଭିଡି ପ୍ରତିବାଦ କଲେ

ଧର୍ମଶାଳା: କରୋନା ମହାବିପତି ସମୟରେ ଲୋକେ ଭୋକିଲା ଲୋକଙ୍କୁ ଖାଇବାକୁ ଦେଉଛନ୍ତି । ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଆରୁହା ପଂଚାୟତରେ ନିରୀହ ଗରୀବ ସରଳ ଶବର ଲୋକମାନଙ୍କ ରାସନକୁ ଚଂଚକତା କରାଯାଇ ବନ୍ଦ କରାଯିବା ଭଳି ଅମାନବିୟ ଘଟଣା ସାମ୍ନାକୁ ଆସିଛି । ଏହାର ପ୍ରତିବାଦରେ ଗାଁରେ ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ ସହ ସେମାନଙ୍କୁ ରାସନ ପ୍ରଦାନ କରାଇ ଦେଉନଥିବା ଭ୍ରଷ୍ଟାଚାରୀଙ୍କ ବିରୋଧରେ ମୁହଁରେ କଳାପଟି ଭିଡି ପ୍ରତିବାଦ କରିଥିଲେ । ଏହାସହ ଏଥିନେଇ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ସହ ଧାରଣା ଦେବାକୁ ସତୀଶ ଚେତାବନୀ ଦେଇଛନ୍ତି ।

ଖବରରୁ ପ୍ରକାଶ, ଏହି ପଂଚାୟତର ହିଞ୍ଜଳପାଟିଆ ଗ୍ରାମରେ ସମସ୍ତ ଜନସାଧାରଣ ଶବର ସମ୍ପ୍ରଦାୟର ଅଟନ୍ତି । ଏମାନେ ଚଳିତ ମାସରେ ରାସନ ପାଇଁ ଯାଇଥିବା ବେଳେ ସେମାନଙ୍କ ରାସନ କାର୍ଡ କଟି ଯାଇଥିବାର କୁହାଗଲା । ପରେ ସେମାନଙ୍କ ରାସନ ଅନ୍ୟ ରିଟେଲରଙ୍କ ନିକଟକୁ ପଳାଇଥିବାର କୁହାଗଲା । ଏହାର ପ୍ରତିବାଦରେ ଗାଁର ଲୋକମାନେ ସମୁହ ଭାବେ ଧର୍ମଶାଳା ବ୍ଲକରେ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ହେଲେ ଏହାର କୌଣସି ସୁଫଳ ମିଳି ନଥିଲା । ଅପରନ୍ତୁ ସେମାନେ ନିଜର ରିଟେଲର ବଦଳାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିବାର ବ୍ଲକ ଯୋଗାଣ ଅଧିକାରୀ ପ୍ରକାଶ କରିଥିଲେ । ଅନେକ ଗାଁ ଲୋକ ଟିପ ଚିହ୍ନ ମାରୁ ଥିବା ବେଳେ ଏଥିରେ ସେମାନଙ୍କ ଦସ୍ତଖତ ହୋଇଥିବାର ଦେଖା ଯାଇଥିଲା । ସେହିପରି କେତେକ ଲୋକଙ୍କ ଆଧାର ଲିଙ୍କ୍ ହେବାର କୁହାଯାଇ ଦସ୍ତଖତ ନିଆଯାଇ ଚଂଚକତା କରାଯାଇଥିଲା । ହେଲେ ଗାଁ ଲୋକ ଯେତେ ଦାବି କଲେ ବି ସେମାନଙ୍କୁ ଉକ୍ତ ଦରଖାସ୍ତର ନକଲ ଦିଆଯାଇ ନଥିଲା । ଅପରନ୍ତୁ ସେମାନଙ୍କ ଦସ୍ତଖତ ନେଇ ଯାଂଚ୍ କରାଯିବା ପରେ ସେମାନଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯିବ ବୋଲି କୁହାଗଲା । ଏଥିନେଇ ଗାଁ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଗରୀବ କଲ୍ୟାଣ ଯୋଜନାର ସଫଳ ରୂପାୟନ ପାଇଁ ଲଢେଇ କରୁଥିବା ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଗାଁରେ ସତୀଶଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା । ସତୀଶ କହିଥିଲେ ଯେ, ବି.ଜେ.ଡି ନାମରେ କୌଣସି ପ୍ରକାରେ ଭ୍ରଷ୍ଟାଚାର ଏବଂ ଗରୀବ ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରାନଯାଉ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇ କ୍ଷେତ୍ରରେ ଅତ୍ୟନ୍ତ ସ୍ୱଷ୍ଟ ଏବଂ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଉଭୟ ପ୍ରଶାସନ ଓ ଦଳୀୟ କର୍ମୀଙ୍କୁ ବାରମ୍ବାର ଆହ୍ୱାନ ଦେଇଛନ୍ତି । ସତୀଶ ଏଥିନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ । ପ୍ରକାଶ ଥାଉ କି, ଏହି ଚଂଚକତା କରିଥିବା ଦୁଇ ତିନି ଜଣ ପ୍ରଭାବଶାଳୀ ରାତିରେ ଗାଁରେ ପହଂଚି ଗାଁ ଲୋକଙ୍କ ସହ ଭିତିରିଆ ବୁଝାମଣା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଗାଁ ଲୋକେ ଏହାକୁ ପ୍ରତ୍ୟାଖାନ କରିଥିଲେ । ଏଥିପାଇଁ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ଭଦ୍ରକ ଡାକ୍ତରଖାନା କର୍ତୃପକ୍ଷଙ୍କ ଅବହେଳାରୁ ଜଣେ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ଭଦ୍ରକ: କରୋନା ସଂକ୍ରମିତ ଜଣେ ମହିଳାଙ୍କୁ ବଂଚାଇବା କ୍ଷେତ୍ରରେ ଅକ୍ସିଜେନ୍‌ର ଅଭାବ ନଥିଲା । ଡାକ୍ତର ଓ ନର୍ସ ସମସ୍ତେ ଥିଲେ । କିନ୍ତୁ ମହିଳା ଜଣଙ୍କୁ କରୋନା ସଂକ୍ରମିତ ଥିବାର ଜାଣି କେହି ପାଖକୁ ନଆସିବାରୁ ସମସ୍ତଙ୍କ ଆଖି ଆଗରେ ରୋଗିଣୀଟି ଅକ୍ସିଜେନ୍ ନପାଇ ଛଟପଟ ହୋଇ ମରିଗଲା । କିନ୍ତୁ କେହି ତାକୁ ବଂଚାଇବା କ୍ଷେତ୍ରରେ ସାମାନ୍ୟତମ ସହଯୋଗ ତ ଦୂରର କଥା ପାଖ ନ ମାଡିବାରୁ ବଡ କରୁଣ ଅବସ୍ଥାରେ ତାର ମୃତ୍ୟୁ ହୋଇଗଲା । ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାପ୍ତ ଖବରରୁ ଯାହା ଜଣାଯାଏ ପଡୋଶୀ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଂଚଳର ମଇତାପୁର ଗ୍ରାମ ନିବାସୀ ଗୋମତି ସିଂ ନାମକ ଜଣେ ମହିଳାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପରିବାର ଲୋକେ ତାକୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଆସିଥିଲେ । ପ୍ରଥମେ ମହିଳା ଜଣଙ୍କୁ ଆଉଟ୍‌ଡୋର୍‌ରୁ ଜେନେରାଲ ଫିମେଲ୍ ୱାର୍ଡକୁ ଅଣାଗଲା । ସେଠାରେ କୋଭିଡ୍ ଟେଷ୍ଟ ପରେ ପଜିଟିଭ୍ ଥିବାରୁ ଡାକ୍ତର କହିଲେ ଏଠାରେ ତୁମର ଚିକିତ୍ସା ହୋଇପାରିବ ନାହିଁ । ତୁମେ କୋଭିଡ୍ ୱାର୍ଡକୁ ଯାଅ । ମାତ୍ର ଘରଲୋକେ ମହିଳା ଜଣକ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବାରୁ ଡାକ୍ତରଙ୍କୁ ଯେତେ ବିକଳ ହୋଇ ଅକ୍ସିଜେନ୍‌ଟିଏ ଦେବାକୁ କହିଥିଲେ ମଧ ୱାର୍ଡରେ ଡ୍ୟୁଟିରେ ଥିବା ଡାକ୍ତର ବେଣୁଧର ନାୟକ ଏ ରୋଗୀ ପାଇଁ ଅକ୍ସିଜେନ୍ ଉଦ୍ଦିଷ୍ଟ ନଥିବାର କହି ଶୀଘ୍ର ମେଡିକାଲ ଛାଡି ଯିବାକୁ କହିଥିଲେ । କରୋନା ପଜିଟିଭ୍ ଜାଣି କୌଣସି ଡାକ୍ତର କି ନର୍ସ ତା ପାଖକୁ ନଆସି କେବଳ କୋଭିଡ୍ ୱାର୍ଡକୁ ନେଇଯାଅ କହି ପରେ କଟକ ରେଫର କରିବା ସହ ଆମ୍ବୁଲାନ୍ସରେ ଅକ୍ସିଜେନ୍ ଅଛି, ରାସ୍ତାରେ ତାହା ଲଗାଇବ ବୋଲି କହିବାକୁ ଭୁଲିନଥିଲେ । ଫଳରେ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ କେବଳ ମେଡିକାଲର ଏ ୱାର୍ଡ ସେ ୱାର୍ଡ ହୋଇ ଶେଷରେ ଛଟପଟ ଅବସ୍ଥାରେ ପିଣ୍ଡାରେ ପଡି ଅକ୍ସିଜେନ୍ ଅଭାବରୁ ମୃତ୍ୟୁବରଣ କରିଥିଲା ଗୋମତି । ତେଣୁ ଏଠାରେ ପ୍ରଶ୍ନ ଉଠୁଛି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ବ୍ୟକ୍ତିର ଯଦି କରୋନା ପଜିଟିଭ୍ ଚିହ୍ନଟ ହୁଏ, ତେବେ ଡାକ୍ତର ଓ ନର୍ସଙ୍କ ଉପସ୍ଥିତିରେ ଅକ୍ସିଜେନ୍ ଅଭାବରୁ ମୃତ୍ୟୁବରଣ କରିବା କେତେଦୂର ଯଥାର୍ଥ ! ଏଣୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଯେତେବେଳେ କରୋନା ରୋଗୀଙ୍କ ପାଇଁ କୌଣସି ଡାକ୍ତରଖାନାରେ ଅକ୍ସିଜେନ୍‌ର ଅଭାବ ନଥିବାର କଥା କହୁଛନ୍ତି, ସେତେବେଳେ ଭଦ୍ରକ ଭଳି ଏକ ସମ୍ବେଦନଶୀଳ ଜିଲାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିବା ମୂଳରେ ଯେଉଁ ଡାକ୍ତର ଓ ନର୍ସମାନେ ଦାୟୀ, ସେମାନେ କ'ଣ ଦଣ୍ଡ ପାଇବା ଉଚିତ୍ ନୁହଁକି । ଏ ପ୍ରଶ୍ନ କରିଛନ୍ତି ଭଦ୍ରକ ଜିଲାର ବହୁ ବୁଦ୍ଧିଜୀବୀ । ଏଣୁ ଖୋଦ୍ ଜିଲାପାଳ ଜ୍ଞାନ ଦାସ ଓ ଏସ୍‌ପି ଚରଣ ସିଂ ମୀନାଙ୍କ ଡାକ୍ତରଖାନା ବୁଲି ସମୀକ୍ଷା କାଳରେ କରୋନା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ସବୁକିଛି ଠିକ୍ ଠାକ୍ ଥିବା ବିଷୟ ଗଣମାଧ୍ୟମକୁ କହିଛନ୍ତି । ସେତେବେଳେ ଏଭଳି ଘଟଣା ଘଟିବା କେତେଦୂର ସମିଚୀନ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

## ଲକଡାଉନ ପାଇଁ ଜିଲ୍ଲାବାସୀ ଆତଙ୍କିତ ନ ହେବାକୁ ଜି ନିବେଦନ କେଲେ ଜିଲ୍ଲାପାଳ: ଅଚଳ ହେବନି ଜୀବନଜିବିକା ଦିନ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ

କେନ୍ଦୁଝର: ୫ ତାରିଖ ବୁଧବାରଠାରୁ ସାରା ରାଜ୍ୟରେ ଲାଗୁ ହେଉଥିବା ଲକଡାଉନ ପରିପ୍ରେକ୍ଷୀରେ ସାଧାରଣ ଲୋକମାନେ ଆତଙ୍କିତ ନ ହେବାକୁ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ନିବେଦନ କରିଛନ୍ତି । ବଡ ଧରଣର ଲୋକଗହଳିକୁ ରୋକିବା ସହ କରୋନା ସଂକ୍ରମଣକୁ କମାଇବା ପାଇଁ ଏହି ଲକଡାଉନ କରାଯାଉଥିବାବେଳେ ବାହାଘର ଓ ଶେଷକୃତ୍ୟ କାର୍ଯ୍ୟ ଆଦି ସଂପନ୍ନ କରିବା ପାଇଁ ସ୍ଥାନୀୟ ତହସିଲଦାର ଏବଂ ପୌରନିର୍ବାହୀ ଅଧିକାରୀଙ୍କଠାରୁ ଅନୁମତି ପତ୍ର ନେଇ ଏହା କରାଯାଇପାରିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏହି ସମୟରେ ମନ୍ଦିର କିମ୍ବା କୌଣସି ଧର୍ମାନୁଷ୍ଠାନକୁ କୌଣସି ବ୍ୟକ୍ତି ଯାଇପାରିବେ ନାହିଁ ଏବଂ ସୀମିତ ସେବାୟତଙ୍କୁ ନେଇ ଦୈନିକ ପୂଜାକାର୍ଯ୍ୟ ହେବ ବୋଲି କହିଛନ୍ତି । ଜୀବନ ଜୀବିକାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହିତ ଚାଷକାମ କିମ୍ବା ଶିଳ୍ପାନୁଷ୍ଠାନ କାର୍ଯ୍ୟକୁ ବନ୍ଦ କରାଯିବ ନାହିଁ ଏବଂ କୋଭିଡ ଗାଇଡଲାଇନ ପାଳନ କରାଯାଇ ଏ ସବୁ କରାଯିବ । ସେହିପରି ସକାଳ ୬ ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକୀୟ ଦୋକାନ ଯେପରିକି ଗ୍ରୋସରୀ ଓ ପରିବା ଦୋକାନ ଖୋଲାରହିବ ଏବଂ ସେମାନଙ୍କ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହେବ ନାହିଁ ବୋଲି କେନ୍ଦୁଝର ଏସପିଙ୍କ ସହ ସେ ଆଲୋଚନା କରିଛନ୍ତି ବୋଲି ଜିଲ୍ଲପାଳ କହିଥିଲେ । ସବୁ ସମୟରେ ମେଡିକାଲ ଦୋକାନ ଖୋଲା ରହିବ ଓ ଟୀକାଗ୍ରହଣ ପାଇଁ ଲୋକମାନେ ଯାଇପାରିବେ ବୋଲି ପ୍ରକାଶ କରିଥିବାବେଳେ ଉଭୟ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟ ଚାଲୁ ରହିବ ବୋଲି ଜଣାଇଛନ୍ତି । ଲକଡାଉନ ସମ୍ପର୍କରେ ସୂଚନା ପ୍ରଦାନ କରିବା ପାଇଁ ମଙ୍ଗଳବାର ଅପରାହ୍ନରେ ଦରବାର ହଲଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂଚନା ଦେଇଥିଲେ ସମସ୍ତ ବ୍ୟବସାୟିକ ଯାନ ଏହି ସମୟରେ ଚଳାଚଳ କରିବ ଓ ହୋଟେଲ ବା ଢାବାରେ ନ ବସି ସାଙ୍ଗରେ ଖାଇବା ପାର୍ଶଲ ନେଇ ପାରିବେ । ପୂର୍ବପରି ସପ୍ତାହାନ୍ତ ସଟଡାଉନ ରହିବ ଓ କୋଭିଡ ଚେନ୍ କୁ ରୋକିବା ପାଇଁ ମାଇକ୍ରୋ କଂଟେନମେଂଟ ଜୋନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ । କୌଣସି ବ୍ୟବସାୟୀ ଅସାଧୁ ଭାବେ ମାଲ ମହଜୁଦ କରିପାରିବେ ନାହିଁ ଏବଂ ଏଥିପାଇଁ ସ୍କ୍ୟାଡ ଚଢାଉ କରିବେ ବୋଲି ଜଣାପଡିଛି । ହୋମ ଡେଲିଭରୀ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଲୋକମାନେ ଆତଙ୍କିତ ନ ହୋଇ ସତର୍କ ହେବାକୁ ଜିଲ୍ଲପାଳ ପରାମର୍ଶ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜିବ ବାରିକ ଉପସ୍ଥିତ ଥିଲେ ।

## ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ କେନ୍ଦ୍ରମନ୍ତ୍ରୀ
## ନିର୍ମାଣାଧୀନ ୧ ହଜାର ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ସମୀକ୍ଷା କଲେ ଧର୍ମେନ୍ଦ୍ର ପ୍ରଧାନ

ମଧ୍ୟପ୍ରଦେଶ: ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ଚୌହ୍ୱାନଙ୍କ ସହ ବିପିସିଏଲର ବୀନା ରିଫାଇନାରୀ ନିକଟରେ ଡ଼ିଆରଡ଼ିଓ ସହଯୋଗରେ ନିର୍ମାଣାଧୀନ ଅସ୍ଥାୟୀ ୧ ହଜାର ଶଯ୍ୟା ବିଶିଷ୍ଟ ବୃହତ କୋଭିଡ୍ ହସ୍ପିଟାଲକୁ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି । ଖୁବ ଶୀଘ୍ର ହସ୍ପିଟାଲର କାର୍ଯ୍ୟକ୍ଷମ ଏବଂ ହସ୍ପିଟାଲରେ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ, ବୀନା ରିଫାଇନାରୀ, ଜିଲ୍ଲା ପ୍ରଶାସନ ଓ ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି । ସେହିପରି କରୋନା ମହାମାରୀର ମୁକାବିଲା କରିବା ନେଇ ମଧ୍ୟପ୍ରଦେଶରେ ନିଆଯାଉଥିବା ପଦକ୍ଷେପ ଉପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ଭାରତ ଓମାନ ରିଫାଇନାରୀ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ସେ କହିଛନ୍ତି କୋଭିଡ୍-୧୯ ମହାମାରୀକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ କରାଯାଉଥିବା ଏହି ଅସ୍ଥାୟୀ କୋଭିଡ୍ ହସ୍ପିଟାଲକୁ ସହଯୋଗ କରବା ପାଇଁ ବୀନା ରିଫାଇନାରୀ ପ୍ରତିଶ୍ରୁତିବଦ୍ଧ । ପ୍ରତିଦିନ ବୀନା ରିଫାଇନାରୀରୁ ତିଆରି ହେଉଥିବା ଦୈନିକ ୧୦ ଟନ୍ ଗ୍ୟାସୀୟସ ଅକ୍ସିଜେନ୍ ଏବଂ ୪ ଲକ୍ଷ ଲିଟର ପାଣି ଏହି କୋଭିଡ୍ ହସ୍ପିଟାଲକୁ ଯୋଗାଯିବ । ଏହି ୧ ହଜାର ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ବର୍ତମାନର ସଂକଟ ସମୟରେ ମଧ୍ୟପ୍ରଦେଶର ସାଗର, ଭିଦିଶା, ଅଶୋକନଗର, ଗୁଣା ଏବଂ ଆଖପାଖ ଅଂଚଳକୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପହଁଚିପାରିବ । ଭାରତ ଓମାନ ରିଫାଇନାରୀ ଲିମିଟେଡ୍ ଏହି କୋଭିଡ୍ ହସ୍ପିଟାଲକୁ ନିରନ୍ତର ମେଡ଼ିକାଲ ଅକ୍ସିଜେନ୍ ଯୋଗାଇବା ସହ କୋଭିଡ୍-୧୯ ମୁକାବିଲାକୁ ଅଧିକ ମଜବୁତ୍ କରିବାରେ ସବୁପ୍ରକାର ପଦକ୍ଷେପ ନେବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ମେଡ଼ିକାଲ ଅକ୍ସିଜେନ ଉପଲବ୍ଧିକୁ ବଢ଼ାଇବା ପାଇଁ ଭାରତ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । ମଧ୍ୟପ୍ରଦେଶ ସରକାର ଏବଂ ବୀନା ରିଫାଇନାରୀ ଆଗାମୀ ଦିନରେ ଦୈନିକ ୩୦୦୦ ବଟୋଲର ବୃହତ ସାଇଜ୍‌ର ଅକ୍ସିଜେନ୍ ତଥା ପାଖାପାଖି ୨୫ ମେଟ୍ରିକ ଟନର ସ୍ଥାୟୀ ମେଡିକାଲ ଅକ୍ସିଜେନ ଉତ୍ପାଦନର ବ୍ୟବସ୍ଥା କରାଯାଉଛି । ଏହା ମଧ୍ୟପ୍ରଦେଶର ସ୍ୱାସ୍ଥ୍ୟ ଇକୋସିଷ୍ଟମକୁ ସୁଦୃଢ଼ କରିବ । ଭାରତର ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକ ରାଜ୍ୟ ସରକାର ତଥା ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ସ୍ଥାପନ କରି ଦେଶରେ ସ୍ୱାସ୍ଥ୍ୟ ଏବଂ କ୍ରିଟିକାଲ କେୟାର ଭିତିଭୂମି ପ୍ରତିଷ୍ଠା କରିବାରେ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ଶ୍ରୀ ପ୍ରଧାନ କହିଛନ୍ତି । ଏହି ଜରୁରୀକାଳୀନ ସମୟରେ ଭାରତ ସରକାର ଓ ମଧ୍ୟପ୍ରଦେଶ ସରକାର ସବୁଠି ଅକ୍ସିଜେନ୍ ବେଡ୍ ଉପଲବ୍ଧି କରାଇବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି ।

## ରଘୁନାଥ ମହାପାତ୍ରଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା - ଧର୍ମେନ୍ଦ୍ର ପ୍ରଧାନ
### ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଓଡ଼ିଶାକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ସମ୍ମାନିତ କରିଥିଲେ

ଭୁବନେଶ୍ୱର: ଅନ୍ତରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ, ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ୱର୍ଗତ ମହାପାତ୍ରଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଅନ୍ତରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ, ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ । ତାଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଥିଲା ନିବିଡ଼ ।

ଜଣେ ଲବ୍ଧ ପ୍ରତିଷ୍ଠିତ ଶିଳ୍ପୀ ଭାବେ ପରିଚିତ ସ୍ୱର୍ଗତ ମହାପାତ୍ର ପଥରରେ ନିଖୁଣ କାରୁକାର୍ଯ୍ୟ ମାଧ୍ୟମରେ ଓଡ଼ିଶାର ଉତ୍କୃଷ୍ଟ କଳା ଓ ସଂସ୍କୃତିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଗୌରବାନ୍ୱିତ କରିଥିଲେ । ତାଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା । ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି । ଏହି ଦୁଃଖଦ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

## ଫୁଲବାଣୀ କୋଭିଡ୍ ହସପିଟାଲରେ ଯୋଗାଯୋଗ ପାଇଁ ହେଲ୍ପଡେସ୍କ ଖୋଲିଲା

କନ୍ଧମାଳ: କନ୍ଧମାଳ ଜିଲ୍ଲା ସମେତ ଫୁଲବାଣୀରେ କରୋନା ସଂକ୍ରମଣ ଦିନକୁ ଦିନ ଦୃତଗତିରେ ବଢିବାରେ ଲାଗିଛି । ସୋମବାର ଦିନ ଜିଲ୍ଲାର ବିଭିନ୍ନ ଅଂଚଳରୁ ୭୭ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳର ସର୍ବାଧିକ ୧୪ ଜଣଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେହିପରି ଜିଲ୍ଲାର ବାଲିଗୁଡା ବିଜ୍ଞାପିତ ଅଂଚଳର ୧୦ ଜଣ, ଘୁ.ଉଦୟଗିରିରେ ୫, ଦାରିଙ୍ଗବାଡିରେ ୨, ରାଇକିଆର ୧୦, କୋଟଗଡ ଅଂଚଳର ୫, କ.ନୂଆଗାଁର ୮, ତୁମୁଡିବନ୍ଧର ୩ ଜଣ, ଖଜୁରିପଡାର ୫ ଜଣ, ଚକାପାଦର ୬, ରାଇକିଆ ଏବଂ ଟିକାବାଲି ଅଂଚଳର ୮ ଜଣ ଲେଖାଏଁ ରହିଥିବାବେଳେ ଜିଲ୍ଲା ବାହାରେ ଜଣେ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରସାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି । ତେବେ ଆଜିର ସଂକ୍ରମିତ ମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬,୭୫୬ ରେ ପହଂଚିଛି । ସୁସ୍ଥ ହୋଇ ଘରକୁ ଫେରିଥିବା ସଂକ୍ରମିତଙ୍କ ସଂଖ୍ୟା ୬,୨୨୨ ହୋଇଥିବାବେଳେ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୩୫ ରହିଛି । ତେବେ ଜିଲ୍ଲାର ବିଭିନ୍ନ କୋଭିଡ ହସପିଟାଲ, କୋଭିଡ କେୟାର ସେଣ୍ଟର ଏବଂ ସଙ୍ଗରୋଧରେ ରହି ମୋଟ୍ ୪୯୯ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି । କୋଭିଡ ହସପିଟାଲରେ ଥିବା ସଂକ୍ରମିତଙ୍କ ପରିବାର ଲୋକଙ୍କ ଯୋଗାଯୋଗ ପାଇଁ ହସପିଟାଲର ହେଲ୍ପଡେସ୍କ ଖୋଲାଯାଇ ଏକ ମୋବାଇଲ ନମ୍ବର(୯୪୩୯୭୫୪୫୭୩) ଜାରୀ କରାଯାଇଛି । ସଂକ୍ରମଣରୁ ରକ୍ଷା ପାଇବାପାଇଁ ଲୋକଙ୍କୁ ବାହାରକୁ ବାହାରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ବାରଣ କରାଯାଇଛି । ଜରୁରୀ କାମରେ ବାହାରକୁ ଗଲାବେଳେ ମାସ୍କ ବ୍ୟବହାର କରିବା ସହିତ ସାମାଜିକ ଦୂରତା ବଜାୟ ରଖିବା ଏବଂ ନିୟମିତ ବ୍ୟବଧାନରେ ହାତ ଧୋଇବାକୁ ପରାମର୍ଶ ଦିଆଯାଇଛି ।

### ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ କରାଯିବ**

ଭୁବନେଶ୍ୱର:ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ତାଙ୍କ ବିୟୋଗରେ ଭାରତର କଳା ଜଗତରେ ଏକ ବିରାଟ ଶୂନ୍ୟତା ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ପରଲୋକ ଗତ ଆତ୍ମାର ସଦ୍ ଗତି କାମନା କରିଛନ୍ତି । ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏକ ଶୋକବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତ ମହାପାତ୍ର ତାଙ୍କ ନିହାଣ ମୂନରେ ଓଡ଼ିଶାର ମହାନ କଳା ପରମ୍ପରା କୁ ବିଶ୍ୱବ୍ୟାପୀ କରିଥିଲେ । ଓଡ଼ିଶାର କଳା ଓ ଐତିହ୍ୟ କୁ ସମୃଦ୍ଧ କରିବାରେ ତାଙ୍କର ମହନୀୟ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନନ୍ୟ ଭକ୍ତ । ସାରା ଦେଶରେ ବହୁସ୍ଥାନରେ ଜଗନ୍ନାଥ ମନ୍ଦିର ନିର୍ମାଣରେ ତାଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ଥିଲା । ପୁରୀ ଶ୍ରୀମନ୍ଦିର ମରାମତିରେ ସେ ମଧ୍ୟ ସହଯୋଗ କରିଥିଲେ । ଗଞ୍ଜାମ ତାରାତାରିଣୀ ମନ୍ଦିର ପୁନର୍ନିର୍ମାଣରେ ସେ ତାଙ୍କର ଅତୁଳନୀୟ କାରିଗରୀ ଦକ୍ଷତା ପ୍ରଦର୍ଶନ କରିଯାଇଛନ୍ତି । ବାସ୍ତବରେ ସେ ଥିଲେ କଳାଜଗତର ଏକ ବିସ୍ମୟ କର ପ୍ରତିଭା ।

### ବରିଷ୍ଠ ନେତା ଇଂ.ବୃନ୍ଦାବନ କଳସଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ
## ମିଷ୍ଟଭାଷୀ, ପରୋପକାରୀ ସ୍ୱର୍ଗତଃ କଳସଙ୍କ ବିୟୋଗ ରାଜ୍ୟ ବିଜେପି ପାଇଁ ଅପୂରଣୀୟ କ୍ଷତି: ସମୀର ମହାନ୍ତି

ଭୁବନେଶ୍ୱର: ଭାରତୀୟ ଜନତା ପାର୍ଟୀର ପୂର୍ବତନ ରାଜ୍ୟ ଉପସଭାପତି ତଥା ବରିଷ୍ଠ ନେତା ଇଂ. ବୃନ୍ଦାବନ କଳସଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସ୍ୱର୍ଗତଃ କଳସଙ୍କ ଗତ କାଲି (୦୮-୦୫-୨୦୨୧, ଶନିବାର) ରାତିରେ ୮୫ ବର୍ଷ ବୟସରେ ଚିକିତ୍ସାଧିନ ଅବସ୍ଥାରେ ଦେହାନ୍ତ ହୋଇଛି ।

ସ୍ୱର୍ଗତଃ କଳସ ୧୯୯୦ ମସିହାରୁ ପାର୍ଟୀ ସହ ଜଡିତ ରହି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ ତୁଲାଇଥିଲେ । ୧୯୯୫ ମସିହାରେ ଖୋର୍ଦ୍ଧା ବିଧାନସଭା ଏବଂ ୧୯୯୬ ମସିହାରେ ଭୁବନେଶ୍ୱର ଲୋକସଭା କ୍ଷେତ୍ରରୁ ବିଜେପିର ପ୍ରାର୍ଥୀ ଥିଲେ । ଖୋର୍ଦ୍ଧା ଜିଲ୍ଲା ସଭାପତି ଭାବେ ମଧ୍ୟ ଦାୟୀତ୍ୱ ନିର୍ବାହ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟ ଦାୟୀତ୍ୱ ସହ ରାଜ୍ୟ ଅଭିଯୋଗ ପ୍ରକୋଷ୍ଠ ଦାୟୀତ୍ୱରେ ବହୁ ଦିନ ଧରି ଥିଲେ । ଓସକାର୍ଡ ବ୍ୟାଂକ ସଭାପତି, ପୁରୀ ଗ୍ରାମ୍ୟ ବ୍ୟାଂକ ସଭାପତି ଭାବେ ନିଜ ଦାୟୀତ୍ୱ ତୁଲାଇଥିଲେ । ଗତ ୨୦୧୯ ମସିହାରେ ସ୍ୱର୍ଗତଃ କଳସଙ୍କୁ ରାଜ୍ୟସ୍ତରୀୟ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସ୍ୱର୍ଗତଃ କଳସଙ୍କ ଧର୍ମପତ୍ନୀ, ୩ ପୁଅ ଓ ବୋହୁ, ୧ ଝିଅ ଓ ଜ୍ୱାଇଁ, ନାତିନାତୁଣୀ ଅଛନ୍ତି । ଗତ ଏପ୍ରିଲ ୬ ତାରିଖ ବିଜେପି ପ୍ରତିଷ୍ଠା ଦିବସ ଦିନ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସ୍ୱର୍ଗତଃ କଳସଙ୍କ ସହ ଫୋନ ଯୋଗେ କଥାବାର୍ତା ହୋଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ଆଲୋଚନା କରିଥିଲେ ।

ମିଷ୍ଟଭାଷୀ, ପରୋପକାରୀ ସ୍ୱର୍ଗତଃ କଳସଙ୍କ ବିୟୋଗରେ ରାଜ୍ୟ ବିଜେପି ଜଣେ ନିଷ୍ଠାବାନ କାର୍ଯ୍ୟକର୍ତା ହରାଇଛି ବୋଲି ଶ୍ରୀ ମହାନ୍ତି ଶୋକ ବ୍ୟକ୍ତ କରି କହିଛନ୍ତି । ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଅସମୟରେ ସ୍ୱର୍ଗତଃ କଳସଙ୍କ ଶୋକସନ୍ତପ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଶ୍ରୀ ମହାନ୍ତି ପ୍ରାର୍ଥନା କରିଛନ୍ତି । ସ୍ୱର୍ଗତଃ କଳସଙ୍କ ବିୟୋଗରେ ରାଜ୍ୟ ବିଜେପିର ଅନେକ ନେତୃବୃନ୍ଦ ଓ କାର୍ଯ୍ୟକର୍ତା ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

## କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି: ସମୀର ମହାନ୍ତ

ଭୁବନେଶ୍ୱର: ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ପଦ୍ମବିଭୁଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଗଭୀର ଶୋକ ବ୍ୟକ୍ତ କରି ଦୁଃଖ ପ୍ରକାଶ କରିଛନ୍ତି । ଗୋଟିଏ ଅଂଚଳ ବାସିନ୍ଦା ହୋଇଥିବାରୁ ସ୍ୱର୍ଗତଃ ମହାପାତ୍ରଙ୍କୁ ପିଲାଦିନଠୁ ଭଲଭାବେ ଜାଣିଛି । ଜଣେ ବଡ ଭାଇ ଭଳି ସେ ଆମମାନଙ୍କୁ ସର୍ବଦା ଭଲ ଉପଦେଶ ଦେଇ ମାର୍ଗଦର୍ଶନ କରିଆସୁଥିଲେ । ନିଜ ନିଖୁଣ କାରୁକାର୍ଯ୍ୟ ଜରିଆରେ ପଥର ଦେହରେ ଜୀବନ ଆଣି ଦେଶ ତଥା ଆନ୍ତର୍ଜାତୀକ ସ୍ତରରେ ଓଡିଶାର ସୁନାମ ଆଣିଥିବା ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ମହାନ୍ତି ଶୋକ ବ୍ୟକ୍ତ କରି କହିଛନ୍ତି । ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଅସମୟରେ ଶୋକସନ୍ତପ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ ପାଇଁ ଶ୍ରୀ ମହାନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ବିଜେପିର ବହୁ ନେତୃବୃନ୍ଦ ଶୋକବ୍ୟକ୍ତ କରିଛନ୍ତି ।




Bhubaneswar Thursday May 13, 2021 ଭୁବନେଶ୍ୱର ଗୁରୁବାର, ମେ ୧୩,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସଂସଦୀୟ କ୍ଷେତ୍ରର କୋଭିଡ୍ ସମୀକ୍ଷା କଲେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ

କନ୍ଧମାଳ: କନ୍ଧମାଳ ସଂସଦୀୟ କ୍ଷେତ୍ରର ବିଭିନ୍ନ ଜିଲ୍ଲାରେ କୋଭିଡ୍ ପରିଚାଳନା ନେଇ ସାଂସଦ ଅଚ୍ୟୁତ ସାମନ୍ତ ନିୟମିତ ସମୀକ୍ଷା ଜାରି




ରଖିଛନ୍ତି। ପ୍ରତି ସପ୍ତାହରେ ସଂସଦୀୟ କ୍ଷେତ୍ରର ବିଭିନ୍ନ ଜିଲ୍ଲାପାଳଙ୍କ ସହ କୋଭିଡ୍ ପରିଚାଳନା ନେଇ ଆଲୋଚନା କରିଆସୁଛନ୍ତି। ଚଳିତ ସପ୍ତାହରେ ସାଂସଦ ଶ୍ରୀ ସାମନ୍ତ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାପାଳଙ୍କ ସହ ଟେଲିଫୋନ ଯୋଗେ ଉଭୟ ଜିଲ୍ଲାର ସ୍ଥିତି ସମୀକ୍ଷା କରିଥିଲେ। ଇତି ମଧ୍ୟରେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ ମଧ୍ୟ କରୋନା ବ୍ୟାପିଥିବା ବେଳେ କୋଭିଡ୍ ପରିଚାଳନା କ୍ଷେତ୍ରରେ ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ପୂର୍ଣ୍ଣମାତ୍ରାରେ ଲାଗି ପଡ଼ିଛନ୍ତି। ଯାହା ଦ୍ୱାରା ସଂକ୍ରମଣ ନିୟନ୍ତ୍ରଣରେ ସଫଳତା ମିଳିପାରିଛି। ବୌଦ୍ଧ ଜିଲ୍ଲାରେ ୧୨୦ ଶଯ୍ୟା ଓ ଭେଣ୍ଟିଲେଟର୍ ସହ ୬ ଆଇସିୟୁ ଥିବା ବେଳେ କୋଭିଡ୍ କେୟାର କେନ୍ଦ୍ରରେ ୨୦୦ ଶଯ୍ୟା ଉପଲବ୍ଧ ରହିଛି। ରବିବାର ସୁଦ୍ଧା ୬୦ଜଣ କରୋନା ସଂକ୍ରମିତ ରୋଗୀ ଚିକିତ୍ସାଧୀନ ରହିଥିବା ସାଂସଦ ଜାଣିବାକୁ ପାଇଛନ୍ତି। ସଂପ୍ରତି ଦେଶର ବିଭିନ୍ନ ସ୍ଥାନରେ ଅମ୍ଳଜାନ ପ୍ଲାଣ୍ଟ ଖୋଲିବା ପାଇଁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି ପରେ ଏବେ ବୌଦ୍ଧ ଜିଲ୍ଲାକୁ ଏକ ପ୍ଲାଣ୍ଟ ମିଳିଛି। ବୌଦ୍ଧ ଏନ୍ଏଚ୍ଆଇ ଏହାର ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ପ୍ଲାଣ୍ଟର ବୈଷୟିକ କାର୍ଯ୍ୟ ଡିଆର୍ଡିଏ ହାତକୁ ନେଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇ ଅମ୍ଳଜାନ ଯୋଗାଣ କାର୍ଯ୍ୟ ଆରମ୍ଭ ହେବ। ସେହିପରି କନ୍ଧମାଳ ଜିଲ୍ଲାକୁ ମଧ୍ୟ ଏକ ଅମ୍ଳଜାନ ପ୍ଲାଣ୍ଟ ମିଳିଥିବା ବେଳେ ଖୁବ୍ ଶୀଘ୍ର ଏଠାରେ କାମ ଆରମ୍ଭ ହେବାକୁ ଯାଉଛି। ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ଅମ୍ଳଜାନ ପ୍ଲାଣ୍ଟ ନିର୍ମାଣ ହେବାକୁ ଯାଉଥିବାରୁ ସାଂସଦ ସନ୍ତୋଷ ପ୍ରକାଶ କରି ଭାରତ ସରକାର ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସେହିପରି କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀଠାରେ ଓଡ଼ିଶା କୋଭିଡ୍ ହସ୍ପିଟାଲ୍ ଚାଲୁ ରହିଥିବା ବେଳେ ଏହାର ପରିଚାଳନା ଦାୟିତ୍ୱ କିମ୍ସକୁ ଦିଆଯାଇଛି। ଏଥିରେ ୮୦ ସାଧାରଣ ଶଯ୍ୟା, ୨୦ ଏଚଡିୟୁ ଶଯ୍ୟା ଏବଂ ୨୦ ଆସିୟୁ ଶଯ୍ୟା ରହିଥିବା ବେଳେ ଏବେ ୫୨ଜଣ ରୋଗୀ ରହିଛନ୍ତି ବୋଲି ସମୀକ୍ଷା ସମୟରେ ସାଂସଦ ଶ୍ରୀ ସାମନ୍ତ ଜାଣିବାକୁ ପାଇଛନ୍ତି। ଏଥିସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ୭ଟି କୋଭିଡ୍ କେୟାର ସେଣ୍ଟର ରହିଥିବା ବେଳେ ଏଥିରେ ମୋଟ୍ ୧୨୯୫ ଶଯ୍ୟା ରହିଛି। କନ୍ଧମାଳ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ମଧ୍ୟ କୋଭିଡ୍ ପରିଚାଳନା ପାଇଁ ଯଥେଷ୍ଟ ପ୍ରୟାସ ଜାରି ରଖିଛନ୍ତି। ସାଂସଦ ଶ୍ରୀ ସାମନ୍ତଙ୍କ ଦ୍ୱାରା ତାଲାବନ୍ଦ ସମୟରେ ଓଡ଼ିଶାର ୧୫ ଜିଲ୍ଲାରେ ଆରମ୍ଭ କରାଯାଇଥିବା ମଧ୍ୟାହ୍ନ ଭୋଜନ ବଣ୍ଟନ କାର୍ଯ୍ୟକ୍ରମରେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ ମଧ୍ୟ ସାମିଲ କରଯାଇଛି। ସେହିପରି ଦଶପଲ୍ଲା ବିଧାୟକ ରମେଶ ବେହେରାଙ୍କ ସହ କୋଭିଡ୍ ପରିଚାଳନା ନେଇ ସାଂସଦ ଅଲୋଚନା କରିଥିବା ବେଳେ ଭଞ୍ଜନଗରରେ କୋଭିଡ୍ ପରିଚାଳନା ନେଇ ମନ୍ତ୍ରୀ ବିକ୍ରମ ଆରୁଖଙ୍କ ସହ ଆଲୋଚନା କରିଥିଲେ। କନ୍ଧମାଳ ସଂସଦୀୟ କ୍ଷେତ୍ର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସାଂସଦ ଶ୍ରୀ ସାମନ୍ତ ସୂଚନା ଦେଇ କହିଛନ୍ତି ସଂସଦୀୟ କ୍ଷେତ୍ରରେ କୋଭିଡ୍ ନେଇ ଯେତେବେଳେ ଯାହା ଆବଶ୍ୟକ ହେବ ସେ ତୁରନ୍ତ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି। ଶ୍ରୀ ସାମନ୍ତ ଭୁବନେଶ୍ୱର ରହୁଥିବାରୁ ସଂସଦୀୟ କ୍ଷେତ୍ରରୁ ଭୁବନେଶ୍ୱରକୁ ଆସୁଥିବା କରୋନା ସଂକ୍ରମିତଙ୍କ ଚିକିତ୍ସା ସଂପର୍କରେ ପଚାରି ବୁଝୁଛନ୍ତି।

### ୧୩ରୁ ରାଜ୍ୟରେ ଡାଲି ଓ ତୈଳବୀଜ ସଂଗ୍ରହ

# ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ସମବାୟ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର: ରବିରତୁ ୨୦୨୦-୨୧ ପାଇଁ ପଂଜିକୃତ ଚାଷୀମାନଙ୍କଠାରୁ ମୂଲ୍ୟ ସହାୟକ ଯୋଜନାରେ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟ ମାର୍କଫେଡ଼ ଦ୍ୱାରା ମଇ ୧୩ ତାରିଖଠାରୁ ଆରମ୍ଭ ହେଉଛି । କୋଭିଡ୍ -୧୯ ସ୍ଥିତିରେ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରି ମୂଲ୍ୟ ସହାୟକ ଯୋଜନାର ଲାଭ ସିଧାସଳଖ ଚାଷୀମାନ ଙ୍କ ନିକଟରେ ପହଂଚାଇବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ଓ କୋଭିଡ୍ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଭାରତ ସରକାରଙ୍କ ଦ୍ୱାରା ମୁଗ, ବିରି, ଚିନାବାଦାମ ଓ ସୂର୍ଯ୍ୟମୁଖୀ ମଂଜି ସଂଗ୍ରହ ନିମନ୍ତେ ମୂଲ୍ୟ ସହାୟକ ଯୋଜନାରେ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଇଛି। ଏଫ୍.ଏ.କ୍ୟୁ ମାନର ମୁଗର ସର୍ବନିମ୍ନ ମୂଲ୍ୟ କ୍ୱିଣ୍ଟାଲ ପିଛା ୭୧୯୬ ଟଙ୍କା, ବିରି କ୍ୱିଂଟାଲ ପିଛା ୬୦୦୦ ଟଙ୍କା, ସୂର୍ଯ୍ୟମୁଖୀ ମଂଜି କ୍ୱିଂଟାଲ ଦର ୫୮୮୫ ଟଙ୍କା ଓ ଚିନାବାଦାମର କ୍ୱିଂଟାଲ ପିଛା ୫୨୭୫ ଟଙ୍କା ଦର ସ୍ଥିର କରାଯାଇଛି। ନାଫେଡ଼ ପକ୍ଷରୁ ରାଜ୍ୟରେ ସମବାୟ ବିଭାଗ ଅଧୀନ ସ୍ଥ ମାର୍କଫେଡ୍ ସଂସ୍ଥା ଦ୍ୱାରା ବିଭିନ୍ନ ପ୍ୟାକ୍ସ, ଲ୍ୟାମ୍ପସ୍ ଓ ନିୟନ୍ତ୍ରିତ ବଜାର କମିଟି ଜରିଆରେ ନାମ ପଂଜୀକରଣ କରିଥିବା ଚାଷୀମାନଙ୍କଠାରୁ ଏହା ସଂଗ୍ରହ କରାଯିବ।

ଚଳିତ ରବି ଋତୁ ୨୦୨୦-୨୧ରେ ରାଜ୍ୟରେ ସର୍ବାଧିକ ୧୩୨୫୦ ମେଟ୍ରିକ୍ ଟନ ମୁଗ, ୭୦୦ ମେଟ୍ରିକ୍ ଟନ ବିରି, ୭୭୭୫ ମେଟ୍ରିକ୍ ଟନ ଚିନାବାଦାମ ଓ ୬୭୫ ମେଟ୍ରିକ ଟନ ସୂର୍ଯ୍ୟମୁଖୀ ମଂଜି ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟ ମଇ ୧୩ ତାରିଖରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜି ଏହି ମର୍ମରେ ସମବାୟ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି।

ଡାଲି ଓ ତୈଳବୀଜ ସଂଗ୍ରହ ନିମନ୍ତେ ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ସଂଗ୍ରହ କେନ୍ଦ୍ର ନିର୍ଦ୍ଧାରଣ କରିବା ସହିତ ପ୍ରକୃତ ଚାଷୀମାନଙ୍କର ନାମ ପଂଜୀକରଣ ଏବଂ ଯାଂଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚାଷୀ ଚିହ୍ନଟ ନିମନ୍ତେ ଆଧାର କାର୍ଡ କିମ୍ବା ଅନ୍ୟ ନିର୍ଦ୍ଧାରିତ ପରିପତ୍ର ଜରୁରୀ ଅଟେ । ଡାଲି ଓ ତୈଳବୀଜ ଉତ୍ପାଦନ ହାରକୁ ଦୃଷ୍ଟିରେ ରଖି ଏକର ପିଛା ୨ କ୍ୱିଂଟାଲ ମୁଗ ଓ ବିରି ସଂଗ୍ରହ ନିମନ୍ତେ ଧାର୍ଯ୍ୟ କରାଯାଇଥିବାବେଳେ ଚିନାବାଦାମ ଏକର ପିଛା ୬ କ୍ୱିଂଟାଲ ସଂଗ୍ରହ କରିବା ପାଇଁ ସ୍ଥିର କରାଯାଇଛି। ଚାଷୀମାନ ଙ୍କ ଅବ ଗତି ନିମନ୍ତେ ଡାଲି ଓ ତୈଳବୀଜ ସଂଗ୍ରହ କେନ୍ଦ୍ର ଓ ସଂଗ୍ରହ ସମୟ ବାବଦ ରେ ବ୍ୟାପକ ପ୍ରଚାର ପାଇଁ ଗୁରୁତ୍ୱ ଦିଆଯାଇଛି । ସଂଗ୍ରହ ବାବଦକୁ ଦେୟ ଅର୍ଥ ମାର୍କଫେଡ୍ ଦ୍ୱାରା ସିଧାସଳଖ ଚାଷୀମାନଙ୍କର ବ୍ୟାଙ୍କ ଆକାଉଂଟରେ ଅନ୍ଲାଇନ୍ ମାଧ୍ୟମରେ ହସ୍ତାନ୍ତର କରାଯିବ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଡିଆରସିଏସ୍, ଏଆରସିଏସ୍, ସହକାରୀ କୃଷି ଅଧିକାରୀ, ନିୟନ୍ତ୍ରିତ ବଜାର କମିଟିର ସଂପାଦକ ଏବଂ ମାର୍କଫେଡ୍ ର ଏରିଆ ମ୍ୟାନେଜରମାନଙ୍କୁ ସଂଗ୍ରହ କାର୍ଯ୍ୟରେ ସୁପରିଚାଳନା ଓ ତଦାରଖ ଦାୟିତ୍ୱ ଦିଆଯାଇଛି। ଏଥି ସହିତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ଦ୍ୱାରା ଡାଲି ଓ ତୈଳବୀଜର ସଂଗ୍ରହ କାର୍ଯ୍ୟର ନିୟମିତ ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। କୋଭିଡ୍-୧୯ର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ଚାଷୀ ନାମ ପଂଜୀକରଣ ଓ ସଂଗ୍ରହ କେନ୍ଦ୍ରରେ ମାସ୍କ ପରିଧାନ, ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଅନୁପାଳନ ଓ ୫ ଜଣରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଏକାଠି ନହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# କୋଭିଡ଼ ହସ୍ପିଟାଲରେ ଅକ୍ସିଜେନ ବ୍ୟବସ୍ଥା ଓ ଅଗ୍ନି ସୁରକ୍ଷା ଉପରେ ସତର୍କ ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

### - କୋଭିଡ଼ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନା ଅଧିକ ଫି ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
### - ତୃତୀୟ ଲହରୀ ପାଇଁ ଏବେ ଠାରୁ ସତର୍କ ଦୃଷ୍ଟି ରଖିବାକୁ ପରାମର୍ଶ

ଭୁବନେଶ୍ୱର: ଜିଲ୍ଲାସ୍ତରରେ କୋଭିଡ ଚିକିତ୍ସା କେନ୍ଦ୍ର ଗୁଡିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଏବଂ ମେଡିକାଲ ଅକ୍ସିଜେନ ସୁବିଧା ଉପରେ ୨୪ ଘଂଟିଆ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୋଭିଡ ଚିକିତ୍ସା କରୁଥିବା ବେସରକାରୀ ମେଡିକାଲ ଉପରେ ସତର୍କ ଦୃଷ୍ଟି ରଖ । ସେମାନେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଭିତରେ ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିବାକୁ ବାଧ । ଯଦି ସେମାନେ ଏହା ନ କରନ୍ତି, ତେବେ ସଂପୃକ୍ତ ହସ୍ପିଟାଲ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ କୋଭିଡ ସଂଖ୍ୟା ଥିବା ଅଂଚଳ ଗୁଡିକରେ ଟେଷ୍ଟିଂ, ଟ୍ରେସିଂ ଓ କଂଟେନମେଂଟକୁ ଜୋରଦାର କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସିଂ ଜରିଆରେ କୋଭିଡ ପରିଚାଳନା ସଂପର୍କିତ ବୈଠକରେ ଅଧକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଇସିୟୁ ଓ ଏଚଡିୟୁ ଦାୟିତ୍ୱରେ ଥିବା ଡାକ୍ତରମାନଙ୍କ ଠାରୁ ସିଧାସଳଖ ଫିଡବ୍ୟାକ୍ ନେଇ ସେମାନଙ୍କ ମତାମତ ଭିତିରେ ପଦକ୍ଷେପ ନିଅ ।

ଟୀକାକରଣ କାର୍ଯ୍ୟକ୍ରମ ପାଇଁ ତ୍ରୁଟି ଶୂନ୍ୟ ବ୍ୟବସ୍ଥା କରିବା , ବୟସ୍କ, ମହିଳା ଓ ଦୁର୍ବଳ ଶ୍ରେଣୀର ଲୋକଙ୍କର ଯତ୍ନ ନେବା କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୋଭିଡ ହସ୍ପିଟାଲ ଗୁଡିକରେ ହେଲ୍ପ ଲାଇନ ଗୁଡିକୁ ଅଧିକ କ୍ରିୟାଶୀଳ କରାଯାଉ ଏବଂ ରୋଗୀଙ୍କ ପରିବାର ବର୍ଗଙ୍କୁ ନିୟମିତ ସୂଚନା ଦିଆଯାଉ ।ଏଭଳି କଠିନ ସମୟରେ ଦୁଃଖ ଓ ଦୈନ୍ୟରେ ଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ବ୍ୟବହାର କରି ସାହାଯ୍ୟ କର । ଏହି ଯୁଦ୍ଧ ବହୁତ ଲମ୍ବା । ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ଲକ୍ଡାଉନ ଲାଗୁ କରାଯାଇଛି । ଏହା ଠିକ୍ ଚାଲିଥିଲେ ମଧ୍ୟ କେତେକ ସ୍ଥାନରେ ଏଥିରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆମେ ସଫଳତା ପାଇଛୁ ଏବଂ ଏହି କୋଭିଡ ମହାମାରୀ କ୍ଷେତ୍ରରେ ମଧ୍ୟ ଏହା ହିଁ ଉପଯୁକ୍ତ ପନ୍ଥା । ତେଣୁ ସହରାଂଚଳରେ ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ଅନୁଷ୍ଠାନ ଓ ଗ୍ରାମାଂଚଳରେ ପଂଚାୟତ ପ୍ରତିନିଧି ମାନଙ୍କ ସକ୍ରିୟ ସହଯୋଗରେ ଲୋକଙ୍କ ସହାୟତା କରଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମହାମାରୀକୁ ନିୟନ୍ତ୍ରଣ କରିବାକୁ ଟୀକାକରଣ ହେଉଛି ଆମର ମୁଖ୍ୟ ରଣନୀତି । ପରିସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ସମସ୍ତଙ୍କୁ ସତର୍କ ହେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ମାସ୍କ ବ୍ୟବହାର, ହାତ ଧୁଆ ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ଅନାବଶ୍ୟକ ଭାବେ ବାହାରେ ନ ବୁଲି ଘରେ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।ବୈଠକରେ ଆଲୋଚନା ସମୟରେ ତୃତୀୟ ଲହରୀର ସମ୍ଭାବନା ସଂପର୍କରେ ତଥ୍ୟ ସଂଗ୍ରହ ସହିତ ସମ୍ଭାବ୍ୟ ମୁକାବିଲା ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ପୁରୀରେ ରଥଯାତ୍ରା ପୂର୍ବରୁ ସମସ୍ତ ସେବାୟତ ଓ ସେମାନଙ୍କ ପରିବାରବର୍ଗଙ୍କ ସଂପୂର୍ଣ୍ଣ ଟୀକାକରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ ଯେ କୋଭିଡ ଅବଜରଭର ମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି । ଅକ୍ସିଜେନ ବ୍ୟବସ୍ଥାର ୨୪ ଘଂଟିଆ ତଦାରଖ କରାଯାଉଛି । କୋଭିଡ କେୟାର କେନ୍ଦ୍ର ଗୁଡିକରେ ଅଧିକ ଆଇସିୟୁ ଓ ଭେଂଟିଲେଟର ଶଯ୍ୟାର ବ୍ୟବସ୍ଥା କରାଯାଇଛି ଏବଂ ଆହୁରି ଅଧିକ ଶଯ୍ୟା ପାଇଁ ପଦକ୍ଷେପ ଜାରି ରହିଛି ।

ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ ପି.କେ. ମହାପାତ୍ର କୋଭିଡ ପରିସ୍ଥିତି ଉପରେ ଏକ ଉପସ୍ଥାପନା ରଖି କହିଥିଲେ ଯେ ସାରା ବିଶ୍ୱରେ ବର୍ତମାନ ଭାରତର କୋଭିଡ ସଂକ୍ରମଣ ସଂଖ୍ୟା ୫୪ ପ୍ରତିଶତ ରହିଛି । ଓଡିଶାରେ ବର୍ତମାନର ସ୍ଥିତି ସଂପର୍କରେ ଆଲୋକପାତ କରି ସେ କହିଥିଲେ ଯେ ଓଡିଶାର କୋଭିଡ ସଂଖ୍ୟା ବର୍ତମାନ ଦେଶର କୋଭିଡ ସଂଖ୍ୟାର ୨.୭ ପ୍ରତିଶତ ରହିଛି । ସର୍ବଭାରତୀୟ ସ୍ତରରେ ମୃତ୍ୟୁ ହାର ୧.୦୯ ଓ ଓଡିଶାରେ ଏହା ୦.୪୦ ରହିଛି। ଖୋର୍ଦ୍ଧା ଓ କଟକ ଜିଲ୍ଲା ବ୍ୟତୀତ ଛତିଶଗଡ ସୀମାରେ ଜିଲ୍ଲା ଗୁଡିକରେ ଅଧିକ ପଜିଟିଭ କେସ୍ ରହୁଛି। ଓଡିଶାର ବର୍ତମାନ ଟେଷ୍ଟ ପଜିଟିଭିଟି ଗତ ୧୫ ଦିନ ଧରି ୨୦.୨ ରହିଛି । ରାଜ୍ୟରେ ବର୍ତମାନ ଦୈନିକ ୫୨.୯ ମେଟ୍ରିକ ଟନ୍ ଅକ୍ସିଜେନ ଖର୍ଚ୍ଚ ହେଉଛି।

ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ କୋଭିଡ ନିୟମାବଳୀର ଅନୁପାଳନ ଦିଗରେ ପୋଲିସର ପଦକ୍ଷେପ ସଂପର୍କରେ ସୂଚନା ଦେବା ସହିତ କହିଥିଲେ ଯେ କୋଭିଡ ନିୟମାବଳୀର ଉଲଘଂନ ପାଇଁ ବର୍ତମାନ ସୁଦ୍ଧା ୨୮ କୋଟି ୯୧ ଲକ୍ଷ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ବିଭିନ୍ନ କୋଭିଡ ଚିକିତ୍ସାଳୟରେ ଅଗ୍ନି ନିୟନ୍ତ୍ରଣ ସଂପର୍କରେ ନିଆଯାଉଥିବା ପଦକ୍ଷେପ ଉପରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୂଚନା ଦେଇଥିଲେ । ବୈଠକରେ ସମ୍ବଲପୁର, ବରଗଡ, ପୁରୀ, କଟକ ଓ ଭୁବନେଶ୍ୱର ମହାନଗର ନିଗମରେ କୋଭିଡ ପରିଚାଳନା ସଂପର୍କରେ ଜିଲ୍ଲାପାଳ ଓ କମିଶନର ମାନେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ବୈଠକକୁ ସଂଯୋଜନା କରିଥିଲେ ।

### କରୋନାରୁ ସୁସ୍ଥ ହେଲେ ୭୫୬୪ ଜଣ

ଭୁବନେଶ୍ୱର: ରାଜ୍ୟରେ ଆଜି କରୋନାରୁ ୭୫୬୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୬୫ ହଜାର ୧୩୩ରେ ପହଂଚିଛି ।

ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୨୯୧ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୭୩୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୫୨୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକ ଜିଲ୍ଲାରୁ ୪୭୦, ସମ୍ବଲପୁରରୁ ୪୪୦, ଝାରସୁଗୁଡ଼ାରୁ ୪୦୩, ବରଗଡ଼ରୁ ୩୮୨, ନବରଂଗପୁରରୁ ୩୫୬, ବଲାଙ୍ଗୀରରୁ ୨୮୯, ଗଂଜାମରୁ ୨୬୧, ନୂଆପଡ଼ାରୁ ୨୫୯, କଳାହାଣ୍ଡିରୁ ୧୭୩, ନୟାଗଡ଼ରୁ ୧୫୬, ଢେଙ୍କାନାଳରୁ ୧୪୬, ଭଦ୍ରକରୁ ୧୪୨, ମୟୂରଭଂଜରୁ ୧୩୪, ଗଜପତିରୁ ୧୨୮, ଯାଜପୁରରୁ ୧୨୭, ସୁବର୍ଣ୍ଣପୁରରୁ ୧୨୧, ଅନୁଗୁଳରୁ ୧୦୮, ଜଗତସିଂହପୁରରୁ ୧୦୫ ଓ ବାଲେଶ୍ୱରରୁ ୧୦୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିଭଳି କୋରାପୁଟ ଜିଲ୍ଲାରୁ ୯୮, କେନ୍ଦ୍ରାପଡ଼ାରୁ ୮୭, ଦେବଗଡ଼ରୁ ୭୧, କନ୍ଧମାଳରୁ ୬୪, କେନ୍ଦୁଝରରୁ ୫୮, ମାଲକାନଗିରିରୁ ୫୫, ବୌଦ୍ଧରୁ ୨୬, ରାୟଗଡ଼ାରୁ ୧୭ ଓ ରାଜ୍ୟପୁଲରୁ ୨୩୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray